www.youtube.com/@rajdhanireporter
https://www.facebook.com/RajdhanireporterOfficial

Odia Weekly

# ରାଜଧାନୀ ରିପୋର୍ଟର
RAJDHANI Reporter

"ଆପଣଙ୍କ ଭରଷା, ଆମର ଆଶା"

RNI/PRGI Regd. No.- ORORI/25/A3650

Rajdhani Reporter
UPI ID: reporterrajdhani-1@okaxis
Scan to pay with any UPI app

Vol. 01 | Issue -29 | ଭାଗ-୦୧ | ସଂଖ୍ୟା-୨୯ | Bhbaneswar 29June-05 July, 2026 | Rs. 5.00 | Pages - 08 | ଭୁବନେଶ୍ୱର | ୨୯ଜୁନ-୦୫ ଜୁଲାଇ, ୨୦୨୬ | ମୂଲ୍ୟ ୫.୦୦ ଟଙ୍କା | ପୃଷ୍ଠା-୦୮

## ମା'ମାନେ ବିକାଶର ନେତୃତ୍ୱ ନେବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ରା.ରି): ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି । ନିତି ଆୟୋଗ ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ (ଓମେନ୍ ଏଣ୍ଟରପ୍ରେନ୍ୟୁୟରସିପ୍ ପ୍ଲାଟଫର୍ମ-ଓଡ଼ିଶା ଚାପ୍ଟର) କେବଳ ଏକ

### ଓଡ଼ିଶା ମହିଳା ଉଦ୍ୟମିତା ପ୍ଲାଟ୍‌ଫର୍ମ ଆରମ୍ଭ

ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହାଅଭିଯାନ ବୋଲି 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମେନ୍ ଏଣ୍ଟରପ୍ରେନ୍ୟୁୟରସିପ୍ ପ୍ଲାଟଫର୍ମ (ଡବ୍ଲୁଇପି)



ର ଏକ ବର୍ଷର ଆକ୍ସନ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ ।

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି । ଆଇଆଇଏମ୍ ସମ୍ବଲପୁର, ଏସ୍‌ବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି । ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ୬,୮୮୭ ଟଙ୍କା ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ଡବ୍ଲୁଇପି ପ୍ଲାଟ୍‌ଫର୍ମ ଜରିଆରେ ମିସନ୍ ଶକ୍ତି, ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍, ସ୍କିଲ୍ ଡେଭଲପ୍‌ମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ । ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ସହଭାଗିତା ଓ ସହଯୋଗ ମଧ୍ୟ ଆଜି ଆରମ୍ଭ କରାଯାଇଛି । ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି ।

ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଂ କ୍ଲଷ୍ଟର୍'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ । ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଲଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର୍' ପାଇଁ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ । ଏହା ବ୍ୟତୀତ ଗଞ୍ଜାମର ବରପାଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ'ର ଉଦ୍‌ଘାଟନ କରାଯାଇଛି । ଆଗାମୀ ଦିନରେ ଏକ ଇଞ୍ଜିନିୟରିଂ କ୍ଲଷ୍ଟର୍, ମୁଦ୍ରଣ ଓ ପ୍ୟାକେଜିଂ କ୍ଲଷ୍ଟର୍ ଏବଂ କାଜୁ କ୍ଲଷ୍ଟର୍‌ର ଶୁଭାରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ନିତି ଆୟୋଗ ଉପାଧ୍ୟକ୍ଷ ଡ. ଅଶୋକ କୁମାର ଲାହିରୀ ଯୋଗ ଦେଇ କହିଥିଲେ, ଓଡ଼ିଶାର ଜିଏସ୍‌ଡିପି ଅଭିବୃଦ୍ଧି ହାର ଜାତୀୟ ଜିଡିପିଠାରୁ ଅଧିକ । (ପୃଷ୍ଠା-୭ ଦେଖନ୍ତୁ)

## ବିଜେଡିରେ ସୁଜାତା

ଭୁବନେଶ୍ୱର, (ରା.ରି): ବିଜେଡିରେ ସାମିଲ ହେଲେ ସୁଜାତା ରାଉତ କାର୍ତ୍ତିକେୟନ । ଶଙ୍ଖ ଭବନରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି ପୂର୍ବତନ ଆଇଏଏସ ଅଫିସର ସୁଜାତା ରାଉତ କାର୍ତ୍ତିକେୟନ । ସୁଜାତା ବିଜେଡିରେ ଯୋଗ ଦେବା ପରେ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଛନ୍ତି । ସୁଜାତା ଜଣେ ସାଧାରଣ କର୍ମୀ ଭାବେ ବିଜେଡିରେ ଯୋଗ ଦେଲେ ବୋଲି ନବୀନ କହିଛନ୍ତି । ସୁଜାତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି

### ଆଗାମୀ ନିର୍ବାଚନରେ ମୁଁ ଲିଡ୍ କରିବି : ନବୀନ

ବିଜେଡିର ଅନେକ ବରିଷ୍ଠ ନେତା ।

'ମୋ ନେତୃତ୍ୱରେ ବିଜୁ ଜନତା ଦଳ ଆଗାମୀ ନିର୍ବାଚନ ଲଢ଼ିବ । ଆଗାମୀ ନିର୍ବାଚନରେ ମୁଁ ଲିଡ୍ କରିବି ।' ଏକଥା ସ୍ପଷ୍ଟ ଭାବେ ଗଣମାଧ୍ୟମ ଆଗରେ କହିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ନବୀନ ସ୍ପଷ୍ଟ କରିଛନ୍ତି ଯେ, ସେ ଆଗାମୀ ନିର୍ବାଚନ ଲଢ଼ିବେ ଏବଂ ବିଜେଡି ତାଙ୍କରି ନେତୃତ୍ୱରେ ହିଁ ନିର୍ବାଚନ ମଇଦାନକୁ ଓହ୍ଲାଇବ ।

ନବୀନ ହିଁ ଦଳର ନେତା ଓ ପରିଚାଳକ । ତାଙ୍କ ନେତୃତ୍ୱରେ ଦଳ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାବାସୀଙ୍କ ସେବା କରିଆସୁଛି । ନବୀନଙ୍କ କାର୍ଯ୍ୟଧାରା ଜାତୀୟ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚିତ କରିଛି । ନବୀନଙ୍କ ନେତୃତ୍ୱ ରହିଛି



ଓ ରହିଥିବ । ଆଗାମୀ ନିର୍ବାଚନରେ ବିଜେଡି ନବୀନଙ୍କ ନେତୃତ୍ୱରେ ହିଁ ଭୋଟ୍ ଲଢ଼ିବ । ପୂର୍ବତନ ଆଇଏଏସ ଅଧିକାରୀ ଶ୍ରୀମତୀ ସୁଜାତା ରାଉତଙ୍କୁ ବିଜୁ ଜନତା ଦଳର ସଦସ୍ୟତା ପ୍ରଦାନ ପରେ ଗଣମାଧ୍ୟମକୁ ଉଦବୋଧନ ଦେଇ ବିଜେଡି ସୁପ୍ରିମୋ ଏହା ସ୍ପଷ୍ଟ କରିଛନ୍ତି । ବିଜୁ ଜନତା ଦଳରେ ମିଶିବା ପରେ ସୁଜାତା କାର୍ତ୍ତିକେୟନ ନିଜର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ନବୀନ ବାବୁଙ୍କ ନେତୃତ୍ୱରେ ଓଡିଶାବାସୀଙ୍କ ସେବା କରିବି । ଦୀର୍ଘ ୨୪ ବର୍ଷ ଧରି ମୋତେ ସୁଯୋଗ ମିଳିଥିଲା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ସେବା କରିବା ପାଇଁ । ଆଜି ବିଜେଡିରେ ସେହିପରି (ପୃଷ୍ଠା-୭ ଦେଖନ୍ତୁ)

## ଶିଳ୍ପାୟନ ରେସରେ ସବୁ ରେକର୍ଡ଼ ଭାଙ୍ଗିବ ଓଡ଼ିଶା




ଭୁବନେଶ୍ୱର, (ରା.ରି): ଓଡ଼ିଶାର ବିକାଶରେ ଶିଳ୍ପାୟନର ବଡ଼ ଯୋଗଦାନ ରହିବ । ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି । ଓଡ଼ିଶା ସହ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ "ଗୋ ଇଷ୍ଟ' ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀ ଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ । ଗତ ୨ବର୍ଷରେ ଓଡ଼ିଶାର ଶିଳ୍ପାୟନ ବ୍ୟାପକ ସ୍ତରରେ ପହଞ୍ଚିଛି । ଆଗାମୀ ୫ବର୍ଷରେ ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ । ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ କହିଲେ, ଗୋ ଇଷ୍ଟ ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବ । ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର "ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ । ଏହି ପଦକ୍ଷେପ ଫଳରେ (ପୃଷ୍ଠା-୭ ଦେଖନ୍ତୁ)

## ଲାଇ ପହିଲାରୁ ଅଜାଡ଼ିବ ପ୍ରବଳ ବର୍ଷା

ଭୁବନେଶ୍ୱର, (ରା.ରି): ଆସୁଛି ବଡ଼ ଲଘୁଚାପ । ପ୍ରବଳ ବର୍ଷା ଅଜାଡ଼ିବ ଓଡ଼ିଶାରେ । ଜୁଲାଇ ପହିଲାରୁ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ପରିବେଶ ଏବଂ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହି ସୂଚନା ଅନୁସାରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଓଡ଼ିଶା ଉପକୂଳରେ ଜୁଲାଇ ୨ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ତା' ପରଦିନ ଅଧିକ ଘନୀଭୂତ ହୋଇ ଅବପାତ (ଡିପ୍ରେସନ) ରୂପ ନେବା ସମ୍ଭାବନା ଅଛି । ଏହାପରେ ଆହୁରି ବଳ ଜୁଟାଇ ୪ ବେଳକୁ ଗଭୀର ଅବପାତ (ଡିପ୍ ଡିପ୍ରେସନ)ରେ ପରିଣତ ହୋଇପାରେ । ସିଇସି ନିର୍ଦ୍ଦେଶକ ତଥା ବିଶିଷ୍ଟ ପାଣିପାଗ ବୈଜ୍ଞାନିକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି, ୧ ତାରିଖରୁ ଓଡ଼ିଶାରେ ବର୍ଷା ଆରମ୍ଭ ହେବା ସମ୍ଭାବନା ଅଛି । ୧ରୁ ୫ ଯାଏଁ ରାଜ୍ୟରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ୨ ଓ ୩ ତାରିଖରେ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ଅଛି । ଆଭ୍ୟନ୍ତରୀଣ ଓଡ଼ିଶାରେ ୩ରୁ ୫ ତାରିଖ ଯାଏଁ ପ୍ରବଳରୁ

## ଶୃଙ୍ଖଳିତ ରଥଯାତ୍ରା ପାଇଁ ଅଣ୍ଟା ଭିଡିଲା ପ୍ରଶାସନ

ପୁରୀ, (ରା.ରି): ଶୃଙ୍ଖଳିତ ରଥଯାତ୍ରା ପାଇଁ କଠୋର ହୋଇଛି ପ୍ରଶାସନ । ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦିତ ବ୍ୟବସ୍ଥାବଳୀ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି । ବ୍ୟବସ୍ଥାବଳୀ ଅନୁଯାୟୀ, ଶ୍ରୀଗୁଣ୍ଡିଚା ଦିନ ପହଣ୍ଡି ପୂର୍ବରୁ ଶ୍ରୀଜିଉମାନଙ୍କ ବିଜେ ଡୋରି ଠିକ୍ ଢଙ୍ଗରେ ବନ୍ଧା ଯିବା ପାଇଁ ସଂପୃକ୍ତ ବାଡ଼ର ବାଡ଼ଗ୍ରାହୀ ଧ୍ୟାନ ଦେବେ । ପୂର୍ବ ଅଘଟଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ହୋଇଛି । ସେହିପରି

### ରଥାରୂଢ଼ ଶ୍ରୀଜିଉଙ୍କ ଭୁଜ ଭିତରେ ଠିଆ ହେବା ମନା

### ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ଘଣ୍ଟୁଆ ରହିବେ

କେବଳ ଆବଶ୍ୟକସଂଖ୍ୟକ ଅଭିଜ୍ଞ ଓ ଦାୟିତ୍ୱ ସମ୍ପନ୍ନ ସେବକ ପହଣ୍ଡିରେ ଭାଗ ନେବେ । ସମ୍ପୃକ୍ତ ଠାକୁରଙ୍କ ବାଡ଼ଗ୍ରାହୀ ଏଥିପ୍ରତି ଯତ୍ନବାନ ହେବେ ଓ ଶୃଙ୍ଖଳିତ ଭାବେ ପହଣ୍ଡି କରାଇବେ । ଦଇତାପତିମାନେ ଶ୍ରୀଅଙ୍ଗରକ୍ଷକ ସେବକ ହୋଇଥିବାରୁ ଟାହିଆ ସୁରକ୍ଷା କାର୍ଯ୍ୟ କରିବେ । ପ୍ରତିହାରୀ ସେବକ ଓ ଆରକ୍ଷୀ ବାହିନୀ ମଧ୍ୟ ଟାହିଆର ସୁରକ୍ଷା ପ୍ରତି ଯତ୍ନବାନ ହେବେ । ଶ୍ରୀଜିଉମାନେ ରଥ ଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆ ଗୁଡ଼ିକ ସମ୍ମାନର ସହିତ ଖୋଲାଯିବ । ଟାହିଆ ଭାଙ୍ଗିଥିବା ବ୍ୟକ୍ତି ଓ ଟାହିଆର ଅଂଶ ଧରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଶ୍ରୀଜିଉମାନଙ୍କ ରଥ ଉପରକୁ ପହଣ୍ଡି ବିଜେ ପୂର୍ବରୁ କିମ୍ବା




ପହଣ୍ଡି ବିଜେ ସମୟରେ ଅରୁଣସ୍ତମ୍ଭ ଠାରୁ ସିଂହଦ୍ୱାର ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅବସ୍ଥାପିତ କ୍ୟାମେରା ବ୍ୟତୀତ ଅନ୍ୟ କୌଣସି କ୍ୟାମେରା ବ୍ୟବହାର କରାଯିବ ନାହିଁ । ଏତଦ୍ବ୍ୟତୀତ ଚାରମାଳ କିମ୍ବା ରଥ ଉପରକୁ କୌଣସି କ୍ୟାମେରା ବା ମୋବାଇଲ ଫୋନ୍ ନେବା ସଂପୂର୍ଣ୍ଣ ନିଷେଧ । ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ସହ ଏହାର ଖିଲାପକାରୀଙ୍କ ଠାରୁ ତିକ୍ଷ୍ଣ ନଜର କ୍ୟାମେରା ବା ମୋବାଇଲ୍ ଫୋନ୍ ଜବତ କରାଯିବ । ଏହି ଖିଲାପକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରଥ ଉପରେ ପହଣ୍ଡି ପୂର୍ବରୁ ଶ୍ରୀଜିଉମାନଙ୍କୁ ଲାଗି ହେଉଥିବା ଘଷା ଜଳ ଯେପରି ରଥ ଚଟାଣ କିମ୍ବା ଚାରମାଳ ଉପରେ ନ ପଡ଼େ ସେଥିପ୍ରତି ସେବକ ଓ ପ୍ରଶାସନ ଯତ୍ନବାନ ରହିବେ । ପାଦ ଖସିବା ଆଶଙ୍କାକୁ ଦୃଷ୍ଟିରେ ରଖି ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦିଆଯିବ । ପ୍ରତ୍ୟେକ ରଥ ପାଇଁ ପୃଥକ ପୃଥକ ଶୋଧ ଦଳ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଠନ କରାଯିବ । ଏହି ଦଳମାନଙ୍କରେ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ ମନ୍ଦିର ପୁଲିସ, ମାଜିଷ୍ଟ୍ରେଟ ମୁତୟନ ରହିବେ । ତାଳଧ୍ୱଜ ରଥର ଶୋଧ ଦଳ ଦାୟିତ୍ୱରେ ଏସ୍ପି, ଓଏସ୍‌ଡ଼ି (ସୁରକ୍ଷା) ଓ ଉପଜିଲ୍ଲାପାଳ ରହିବେ । ଦେବଦଳନ ରଥର ଶୋଧ ଦଳ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଏସ୍ପି, ଶ୍ରୀମନ୍ଦିରର ଜଣେ ଅଧିକାରୀ ରହିବେ । ନନ୍ଦିଘୋଷ ରଥର ଶୋଧ ଦଳ ଦାୟିତ୍ୱରେ ପୁରୀ ଜିଲ୍ଲାପାଳ, ନୀତି ପ୍ରଶାସକ ଓ ଉପଆରକ୍ଷୀ ଅଧୀକ୍ଷକ ରହିବେ । ପ୍ରତି ରଥର ଚାଳମାଳ ତଳେ ଶୋଧଦଳ ମୁତୟନ ରହିବେ ଓ ଅନଧିକୃତ ବ୍ୟକ୍ତିଙ୍କୁ ରଥ ଉପରକୁ ଚଢ଼ିବାକୁ ଦେବେ ନାହିଁ ।

ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଯେପରି ବଡ଼ଦାଣ୍ଡରେ ସମବେତ ଅଗଣିତ ଭକ୍ତ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ସମସ୍ତେ ଅବାଧ ଦର୍ଶନ କରିପାରିବେ ସେଥିପ୍ରତି ସେବା ସମ୍ପୃକ୍ତ ସେବକମାନେ ଯତ୍ନବାନ ହେବେ । ଶ୍ରୀଜିଉମାନଙ୍କ ସମ୍ମୁଖ ଭାଗରେ ରହିବେ ନାହିଁ କିମ୍ବା ରଥର ଉଭୟ ପାଶ୍ୱର୍ ବାଡ଼ରେ କୌଣସି ସେବକ ଠିଆ ହୋଇ ରହିପାରିବେ ନାହିଁ । ରଥ ଉପରେ ରହି ମହାପ୍ରଭୁଙ୍କ ଓଲାଗି ଫୁଲ, ତୁଳସୀ ଫିଙ୍ଗିବେ ନାହିଁ

ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ପୁରୀ ଓ ଭଟିମୁଣ୍ଡା ଘଣ୍ଟୁଆ ରହିବେ । ତାଳଧ୍ୱଜ ଉପରେ ୧୪ ଜଣ, ଦେବଦଳନ ଉପରେ ୧୨ ଜଣ ଓ ନନ୍ଦିଘୋଷ ଉପରେ ୧୬ ଜଣ ଘଣ୍ଟୁଆ ରହିପାରିବେ । ଅଧିକ ସଂଖ୍ୟକ ଘଣ୍ଟୁଆ ରଥ ଉପରେ ଚଢ଼ିଲେ ଶ୍ରୀମନ୍ଦିର କର୍ମଚାରୀ, ଦଇତାପତି ଓ (ପୃଷ୍ଠା-୭ ଦେଖନ୍ତୁ)

## ମୌସୁମୀକୁ ବାଧା ଦେଉଛି ଏଲ୍ ନିନୋ

### ଉତ୍ତର ପ୍ରଦେଶ-ମଧ୍ୟପ୍ରଦେଶ-ଓଡ଼ିଶାରେ ବର୍ଷା ସଙ୍କଟ

ନୂଆଦିଲ୍ଲୀ: ଦେଶର ଅନେକ ସ୍ଥାନରେ ବର୍ଷା ହେଉଛି, କିନ୍ତୁ ଏବେ ବି ଅନେକ ଅଞ୍ଚଳ ଅଛି ଯେଉଁଠାରେ ମୌସୁମୀରେ ମଧ୍ୟ ବର୍ଷା ହୋଇନି । ଏପର୍ଯ୍ୟନ୍ତ ଦେଶରେ ସ୍ୱାଭାବିକ ଅପେକ୍ଷା ୪୩ ପ୍ରତିଶତ କମ୍ ବର୍ଷା ହୋଇଛି । ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସମେତ ଦେଶର ଅନେକ ସ୍ଥାନରେ ଏଲ୍ ନିନୋର ପ୍ରଭାବ ଅନୁଭୂତ ହେଉଛି । ତେବେ

### ଓଡ଼ିଶାରେ ୫୨ ପ୍ରତିଶତ କମ୍ ବର୍ଷା



ଆସନ୍ତା ମାସରେ ସାରା ଦେଶରେ ମୌସୁମୀ ପହଞ୍ଚିବ ଏବଂ ବର୍ଷା ଅଭାବକୁ ପୂରଣ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଭାରତ ଏଲ୍ ନିନୋ ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହେଉଛି । ତେଣୁ ଚଳିତ ବର୍ଷ ସ୍ୱାଭାବିକ ଅପେକ୍ଷା କମ୍ ବର୍ଷା ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ଏଲ୍ ନିନୋର ପ୍ରଭାବ କମିବାର ଏକ ଉପାୟ ରହିଛି । ଯଦି ଇଣ୍ଡିଆନ୍ ଓସେନ୍ ଡାଇପୋଲ୍ (ଆଇଓଡି) ନାମକ ଏକ ସ୍ଥିତି ସୃଷ୍ଟି ହେବ ତେବେ ଏପରି ସ୍ଥିତିରୁ ମୁକ୍ତି ମିଳିପାରିବ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି । ଆଇଓଡି ହେଉଛି ଏକ ଜଳବାୟୁ ସ୍ଥିତି ଯାହା ଭାରତ ମହାସାଗରର ପଶ୍ଚିମ ଏବଂ ପୂର୍ବ ଅଂଶ ମଧ୍ୟରେ ସମୁଦ୍ର ପୃଷ୍ଠର ତାପମାତ୍ରାରେ ପାର୍ଥକ୍ୟ ଦ୍ୱାରା ସୃଷ୍ଟି ହୋଇଥାଏ । ଏହା ଏଲ୍ ନିନୋ-ସର୍ଦନ ଆସିଲେସନ (ଇଏନଏସଓ) ସହିତ ଉତ୍ତାପ ଦ୍ୱାରା ମୌସୁମୀକୁ ପ୍ରଭାବିତ କରିବାର ମୁଖ୍ୟ କାରଣ । ତେବେ ଏଭଳି ସ୍ଥିତି ସୃଷ୍ଟି ହେବା ଅସମ୍ଭବ । ୨୦୨୩ରେ ଆଇଓଡି ଯୋଗୁଁ ଏକ ଶକ୍ତିଶାଳୀ ଏଲ୍ ନିନୋର ପ୍ରଭାବ ଯଥେଷ୍ଟ ହ୍ରାସ ପାଇଥିଲା । ଯାହା ଫଳରେ ଭାରତରେ ପ୍ରାୟ ସ୍ୱାଭାବିକ ଭାବେ ମୌସୁମୀ ଋତୁକାଳୀନ ବର୍ଷା ହୋଇଥିଲା ।

ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ଚଳିତ ବର୍ଷ ମୌସୁମୀ ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବର୍ଷିବ । ଆଇଏମଡି ପୂର୍ବରୁ ସ୍ୱାଭାବିକଠାରୁ କମ୍ ବର୍ଷାର ପୂର୍ବାନୁମାନ କରିଛି । ଜୁନ୍ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୋଟ ବର୍ଷା ସ୍ୱାଭାବିକଠାରୁ ୧୦% କିମ୍ବା ତା'ଠାରୁ ଅଧିକ ହେବାର ୬୦% ସମ୍ଭାବନା ଅଛି । ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଚଳିତ ବର୍ଷ ଜୁନ୍ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷା ସ୍ୱାଭାବିକଠାରୁ କମ୍ ହୋଇପାରେ । ଏହି ପୂର୍ବାନୁମାନ ଯୋଗୁଁ ଅନେକ ଅଞ୍ଚଳରେ ମରୁଡ଼ିକୁ ନେଇ ଚିନ୍ତା ବୃଦ୍ଧି ପାଇଛି । ଦେଶର ଅନେକ ରାଜ୍ୟରେ ଚାଷୀମାନେ କେବଳ କୃଷି ପାଇଁ ବର୍ଷାଜଳ ଉପରେ ନିର୍ଭର କରୁଥିବାରୁ, ଜଳକଷ୍ଟ କୃଷିକୁ ପ୍ରଭାବିତ କରିବା ଆଶଙ୍କା ଦେଖାଦେଇଛି ।।

ମେଘାଳୟରେ ୮୨ ପ୍ରତିଶତ ବର୍ଷା ହ୍ରାସ ହୋଇଥିବା ରେକର୍ଡ କରାଯାଇଛି । ଗୁଜୁରାଟରେ ୭୯ ପ୍ରତିଶତ, ମଣିପୁରରେ ୭୧ ପ୍ରତିଶତ, ଛତିଶଗଡ଼ରେ ୬୮ ପ୍ରତିଶତ, ଝାଡ଼ଖଣ୍ଡରେ ୬୬ ପ୍ରତିଶତ, ମହାରାଷ୍ଟ୍ରରେ ୫୯ ପ୍ରତିଶତ, ଉତ୍ତର ପ୍ରଦେଶରେ ୫୬ ପ୍ରତିଶତ, ଓଡ଼ିଶାରେ ୫୨ ପ୍ରତିଶତ ବର୍ଷା ହ୍ରାସ ପାଇଛି । ବିହାରରେ ଏପର୍ଯ୍ୟନ୍ତ ୫୦ ପ୍ରତିଶତ ବର୍ଷା ହ୍ରାସ ପାଇଛି । ମଧ୍ୟପ୍ରଦେଶରେ ସ୍ୱାଭାବିକ ତୁଳନାରେ ୪୧% କମ୍ ବର୍ଷା ହୋଇଛି । ଏହି ଅଞ୍ଚଳ ମୌସୁମୀ ଉପରେ ବହୁଳ ଭାବରେ ନିର୍ଭରଶୀଳ, ଏବଂ ଏଠାକାର କୃଷି ମଧ୍ୟ ମୌସୁମୀ ଉପରେ ନିର୍ଭରଶୀଳ । ଦକ୍ଷିଣ ଭାରତରେ କର୍ଣ୍ଣାଟକ, କେରଳ, ତାମିଲନାଡୁ ଏବଂ ତେଲେଙ୍ଗାନାରେ ଦୁଇରୁ ତିନି ସପ୍ତାହ ପୂର୍ବରୁ ମୌସୁମୀ ପହଞ୍ଚିଥିବା ସତ୍ତ୍ୱେ ବର୍ଷାରେ ୩୦% ରୁ ଅଧିକ ହ୍ରାସ ରେକର୍ଡ କରାଯାଇଛି । ସାମଗ୍ରିକ ଭାବରେ ମଧ୍ୟ ଭାରତରେ ମୌସୁମୀ ବର୍ଷାରେ ସର୍ବାଧିକ ୫୭% ହ୍ରାସ ଘଟିଛି । ସେହିପରି ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତରେ ୪୪%, ଦକ୍ଷିଣ ଭାରତରେ ୩୦% ଏବଂ ଉତ୍ତର-ପଶ୍ଚିମ ଭାରତରେ ୨୭% ମୌସୁମୀ ବର୍ଷା ହ୍ରାସ ପାଇଥିବା ପାଣିପାଗ ବିଭାଗ କହିଛି ।

ରାଜଧାନୀ ରିପୋର୍ଟର
RAJDHANI Reporter

ଆବଶ୍ୟକ

ସାପ୍ତାହିକ ଖବରକାଗଜ ରାଜଧାନୀ ରିପୋର୍ଟର ରାଜ୍ୟର ସମସ୍ତ ବ୍ଲକରେ ପ୍ରତିନିଧି, ଏଜେଣ୍ଟ ଓ କାର୍ଯ୍ୟାଳୟ ପାଇଁ ଭିଜୁଆଲ ଏଡିଟର ଆବଶ୍ୟକ କରୁଛି । ଇଚ୍ଛୁକ ପ୍ରାର୍ଥୀ ରାଜଧାନୀ ରିପୋର୍ଟରର ମେଲ ଆଇଡି reporterrajdhani@gmail.com ରେ ନିଜର ବାୟୋଡାଟା ପଠାନ୍ତୁ ।

ସଂପାଦକ



# ପରମାଣୁ ଶାନ୍ତିଯାତ୍ରା

୧୯୪୫ ଜୁଲାଇ ୧୬ ତାରିଖର ଏକ ବର୍ଷାଭିଜା ସକାଳ, କେତେଜଣ ବୈଜ୍ଞାନିକ ଓ ସୈନିକ ମେକ୍ସିକୋର ଜୋର୍ନଡା ଡେଲ ମରୁଭୂମିରେ ଏକତ୍ରିତ ହୋଇଥାନ୍ତି। ସାଙ୍କେତିକ ଭାଷାରେ 'ଗାଜେଟ' ବୋଲି କୁହାଯାଉଥିବା ଏକ ବଡ଼ ଧାତବ ବଲ ୧୦୦ ଫୁଟ ଉଚ୍ଚ ସ୍ତମ୍ଭର ଶୀର୍ଷରେ ରଖାଯାଇଥାଏ। ଏହି ଗାଜେଟ ନାମକ ଗୁପ୍ତ ଅସ୍ତ୍ର ଭିତରେ ଆଉ ଏକ ଗୋଲାକାର ଧାତବ ପରଖ ଭିତରେ ଉପ କ୍ରାନ୍ତିକ ମାତ୍ରାରେ ପ୍ଲୁଟୋନିୟମ ରଖାଯାଇଥିଲା । ଏହା ଥିଲା ବିଶ୍ୱର ପ୍ରଥମ ପରମାଣୁ ଅସ୍ତ୍ରର ଏକ ପ୍ରତିକୃତି, ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ସମାପ୍ତ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ଏହା ପରଠୁ ପରମାଣୁ ଯୁଗ ଏକ ବିସ୍ଫୋଟ ସହିତ ଆରମ୍ଭ ହୋଇଥିଲା ଓ ମାନବ ସମାଜ ପ୍ରଥମ କରି ହିରୋଶିମା ଓ ନାଗାସାକିର କରୁଣ ରୂପ ଦେଖିଲା। ପରମାଣୁ ଶକ୍ତି କିପରି ବିନାଶ କରିପାରେ ଏହା ସମସ୍ତଙ୍କୁ ଭୟଭୀତ କରୁଥିଲା।

ସେହି ସମୟରେ ପରମାଣୁର ଏହି ଅପାର ଶକ୍ତିକୁ କିପରି ମାନବ କଲ୍ୟାଣ ଦିଗରେ ବିନିଯୋଗ କରାଯାଇପାରିବ, ମ୍ୟାନହାଟନ ପ୍ରକଳ୍ପ ଭାବରେ ପରିଚିତ ଏହି ଯୋଜନାର ବିନ୍ଧାଣି ଥିବା ବୈଜ୍ଞାନିକ ଓପେନ ହାଇମର ପରମାଣୁର ବିନାଶ ଲୀଳା ଦେଖିବା ପରେ ଅଧ୍ୟାତ୍ମବାଦୀ ହୋଇ ଆଜୀବନ ଗୀତା ପାଠରେ ନିଜକୁ ନିୟୋଜିତ କରିଦେଲେ।

ଆମେରିକାର ୩୪ତମ ରାଷ୍ଟ୍ରପତି ଡୱିଟ୍ ଡେଭିଡ୍ ଆଇଜେନହାୱର୍ ଜାତିସଂଘରେ କହିଥିଲେ ଯେ ଆଉ କେବେ ହେଲେ ଦ୍ୱିତୀୟ ଥର ପରମାଣୁ ବୋମାର ବ୍ୟବହାର ନ ହେଉ। ସେ ଏହା ମଧ୍ୟ କହିଥିଲେ ଏହି ଅପାର ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ ପାଇଁ ଉଦ୍ୟମ ହେଉ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ବୈଜ୍ଞାନିକମାନଙ୍କ ଦ୍ୱାରା ବିକଶିତ ଓ ସେନାଦ୍ୱାରା ନିୟନ୍ତ୍ରିତ ଏହି ପରମାଣୁ ବୋମାର ଜ୍ଞାନ କୌଶଳ ବିପକ୍ଷ ରୁଷିଆ ଓ ତା'ର ସହଯୋଗୀଙ୍କୁ ଶୀତଳ ଯୁଦ୍ଧରେ ପଛରେ ପକାଇଦେଇଥିଲା। ଆମେରିକା ଭାବିଥିଲା ଯେ ଶୋଭିଏଟ ରୁଷକୁ ପରମାଣୁ ବୋମାର ଜ୍ଞାନ କୌଶଳ ବିକଶିତ କରିବା ପାଇଁ ହୁଏତ କୋଡ଼ିଏ ବର୍ଷ ଲାଗିଯାଇପାରେ। କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଶୋଭିଏଟ ରୁଷ ୧୯୪୯ରେ ପରୀକ୍ଷାମୂଳକ ବିସ୍ଫୋରଣ କରିଦେଲା। ତେବେ ଆମେରିକାରେ ପରମାଣୁ ଅସ୍ତ୍ରର ନିୟନ୍ତ୍ରଣ କାହା ହାତରେ ରହିବ ସେଥିପାଇଁ ତର୍କ ବିତର୍କ ହେବାକୁ ଲାଗିଲା। ବୁଦ୍ଧିଜୀବୀ ଓ ବୈଜ୍ଞାନିକମାନେ ଏହାକୁ ବେସାମରିକ ନିୟନ୍ତ୍ରଣରେ ରଖିବାକୁ ଯୁକ୍ତି ବାଢ଼ିବା ବେଳେ ସେନା ଏହାକୁ ନିଜ ହାତରେ ରଖିବାକୁ ଚାହିଁଲା। ଶେଷରେ ୧୯୪୬ରେ ଆମେରିକା ସରକାର ପରମାଣୁ ଶକ୍ତି ଅଧିନିୟମ ଆଣିଲେ ଓ ପରମାଣୁ ଶକ୍ତି ସମ୍ପର୍କିତ ସବୁ ତଥ୍ୟ ଗୁପ୍ତ ରଖିବା ସହିତ ଏହାକୁ ବେସାମରିକ ନିୟନ୍ତ୍ରଣରେ ରଖିବାକୁ ନିଷ୍ପତ୍ତି ନେଲେ। ଅବଶ୍ୟ ଏହା ପୂର୍ବରୁ ମାନହାଟନ ପ୍ରୋଜେକ୍ଟରେ ପରମାଣୁ ବୋମାର ପ୍ରସ୍ତୁତି ଏତେ ଗୁପ୍ତ ଥିଲା ଯେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟଙ୍କ ଅକାଳ ବିୟୋଗ ପରେ ହ୍ୟାରୀ ଟ୍ରୁମ୍ୟାନ ନୂତନ ରାଷ୍ଟ୍ରପତି ହେଲେ। ଏହା ପରେ ସେ ଏବିଷୟରେ ଜାଣିବାକୁ ପାଇଥିଲେ। ତାଙ୍କ ଡାଏରୀରେ ସେ ଏହାକୁ "ବିଶ୍ୱ ଇତିହାସର ସବୁଠାରୁ ଭୟଙ୍କର ବୋମା" ଭାବରେ ବର୍ଣ୍ଣନା କରି ଏହାକୁ ବାଇବେଲ ବର୍ଣ୍ଣିତ 'ଅଗ୍ନି ବିନାଶ' ଭବିଷ୍ୟବାଣୀ ସହିତ ତୁଳନା କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ଟ୍ରୁମ୍ୟାନ ପରମାଣୁ ବୋମାର ବ୍ୟବହାର ଜାପାନ ଉପରେ କରିବାକୁ ନିଷ୍ପତ୍ତି ନେଇଥିଲେ।

ତେବେ ଗୋଟିଏ ପଟରେ ହିରୋଶିମା-ନାଗାସାକିର ଭୟାବହତାକୁ ଆଖିଆଗରେ ରଖି ଭବିଷ୍ୟତରେ ପରମାଣୁ ଅସ୍ତ୍ରର ପୁନଃ ପ୍ରୟୋଗ ନ କରି ସବୁ ଦେଶକୁ ଆଗେଇ ଆସିବାକୁ ବିଶ୍ୱରେ ଚେଷ୍ଟା ଚାଲିଥିଲାବେଳେ ରୁଷିଆ ଓ ଆମେରିକା ଭିତରେ ପରମାଣୁ ବୋମା ଗଚ୍ଛିତ କରିବାର ପ୍ରତିଯୋଗିତା ଲାଗିଗଲା। ଶୋଭିଏଟ୍ ରୁଷର ୧୯୪୯ରେ ପରୀକ୍ଷାମୂଳକ ବିସ୍ଫୋରଣ ଜବାବରେ ଆମେରିକା ହିରୋଶିମାଠାରୁ ୫୦୦ ଗୁଣ ଅଧିକ ଶକ୍ତିଶାଳୀ ତାପ-ଆଣବିକ ବୋମା ବିସ୍ଫୋଟ କରି ପରମାଣୁର ଶାନ୍ତି ଯାତ୍ରାରେ ବ୍ୟାଘାତ ସୃଷ୍ଟି କଲା। ପରମାଣୁ ଶକ୍ତିକୁ ବ୍ୟାପକ ଜନକଲ୍ୟାଣରେ ଉପଯୋଗ କରିବାର ଆଶା ରଖିଥିବା ବୈଜ୍ଞାନିକମାନଙ୍କ ଲକ୍ଷ୍ୟ ପଥଚ୍ୟୁତ ହେଲେ। ଆମେରିକା ଓ ରୁଷିଆ ମଧ୍ୟରେ ଅସ୍ତ୍ର ପ୍ରତିଯୋଗିତା ବଢ଼ିଲା। ୧୯୫୩ରେ ଆମେରିକୀୟ ରାଷ୍ଟ୍ରପତି ଆଇଜେନହାୱର ଜାତିସଂଘ ଭାଷଣରେ ଚେତାବନୀ ଦେଇ କହିଥିଲେ, ଭବିଷ୍ୟତରେ ଆଣବିକ ପ୍ରଯୁକ୍ତିବିଦ୍ୟା ସହଜରେ ସବୁ ଦେଶ ପାଖରେ ପହଞ୍ଚିଯାଇ ପାରେ। ତେଣୁ ପରମାଣୁ ବୋମାର ନିର୍ମାଣ ଜ୍ଞାନ କୌଶଳ ତଥା ଆଣବିକ ଶକ୍ତି ଉପରେ କଟକଣା ଲାଗୁ କରିବା ପାଇଁ ଏକ ଅନ୍ତର୍ଜାତୀୟ ସଂସ୍ଥା ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହା ପରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଭାବରେ ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ୧୯୫୭ରେ ପ୍ରତିଷ୍ଠା କରାଯାଇଥିଲା। ଆମେରିକା ପାଇଁ ଦିନେ ଗୁପ୍ତଥିବା ପରମାଣୁ ପ୍ରଯୁକ୍ତି ବିଦ୍ୟା ମାତ୍ର କିଛି ବର୍ଷ ପରେ ସମ୍ପୂର୍ଣ୍ଣ ଉନ୍ମୁକ୍ତ ହୋଇଯିବା କାରଣରୁ ଅନେକ ଦେଶ ଏହି ଜ୍ଞାନ କୌଶଳକୁ ହାତେଇବା ପାଇଁ ଆଗଭର ହୋଇଥିଲେ ମଧ୍ୟ ସମସ୍ତଙ୍କୁ ବିଫଳତା ମିଳିଥିଲା। ତେବେ ବିଶ୍ୱର ଅନେକ ବୈଜ୍ଞାନିକ ପଣମାଣୁ ଶକ୍ତିକୁ ବିଶ୍ୱ ଶାନ୍ତିରେ ଲଗେଇବାକୁ ଚିନ୍ତାକଲେ। ଅନେକ ଦେଶ ଏହିପରି କ୍ରିୟାରେ ଲାଗିପଡ଼ିଥିଲେ କିନ୍ତୁ ଏଥିରେ ରୁଷିଆ ବାଜିମାରି ନେଇ ୧୯୫୪ରେ ବିଶ୍ୱର ପ୍ରଥମ ପରମାଣୁ ବିଜୁଳି ଘର ନିର୍ମାଣ କରି ଆଶ୍ଚର୍ଯ୍ୟ କରିଦେଲା। ହିରୋଶିମା ଓ ନାଗାସାକିର ଭୟଙ୍କର ଜନ ସଂହାର ସହିଥିବା ଜାପାନ ବିସ୍ଫୋରଣର ଦଶ ବର୍ଷ ମଧ୍ୟରେ ୧୯୫୫ରେ ବିଜୁଳିଶକ୍ତି ନିମନ୍ତେ ଆଣବିକ ରିଆକ୍ଟର ତିଆରି କରିବା ପାଇଁ ଆଇନ ପ୍ରଣୟନ କଲା। ପରମାଣୁର ଶାନ୍ତି ଯାତ୍ରା ଅତ୍ୟନ୍ତ କଠିନ ହୋଇଥିଲେ ମଧ୍ୟ ପରେ ପରେ ଏହା ସମାଜର ଅଭିନ୍ନ ଅଙ୍ଗ ପାଲଟିଗଲା। ଶକ୍ତିଶାଳୀ ବିକିରଣ ଦେଉଥିବା ରେଡିଓ ଆଇସୋଟୋପ ବ୍ୟବହାର କରି କେମୋଥେରାପି ଦ୍ୱାରା କ୍ୟାନ୍ସର ଉପଶମକାରୀ ଭାବରେ ବିକିରଣ ସଫଳତାର ସହିତ ଜନକଲ୍ୟାଣରେ ବ୍ୟବହୃତ ହେଉଛି। ପରମାଣୁ ଶକ୍ତିର ଉପଯୋଗ କରି ଅନେକ ଉନ୍ନତ ଫସଲ କିସମ ବିକଶିତ ହୋଇଛି । ଶସ୍ୟଜାତ ଦ୍ରବ୍ୟର ସଂରକ୍ଷଣ ପାଇଁ ପରମାଣୁ ବିକିରଣ ସବୁଠୁ ଶସ୍ତା ଓ ସଫଳ ଉପାୟ ଭାବରେ ଉପଯୋଗ କରାଯାଉଛି। ଭବିଷ୍ୟତରେ ପାରମ୍ପରିକ ଶକ୍ତି ଉତ୍ସର ଅବକ୍ଷୟ ପରେ ପରମାଣୁ ବିଜୁଳି ଏକମାତ୍ର ବିକଳ୍ପ ଭାବରେ ସାହା ହେବ ବୋଲି କୁହାଯାଉଛି।

# ସ୍ନାନବେଦୀରେ ଶ୍ରୀଜଗନ୍ନାଥ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଲୀଳା ଭିତରେ ଶ୍ରେଷ୍ଠ ଲୀଳା ହେଉଛି "ଦେବସ୍ନାନ ନୀତି' । ମାନବୀୟ ଲୀଳାରେ ସେ ଆମ ମାନଙ୍କ ପରି ବଡ଼ଭାଇ ଓ ସାନ ଭଉଣୀଙ୍କ ସହିତ ଦିବ୍ୟ ସ୍ନାନ କରିଥାନ୍ତି ଏହା ହିଁ ହେଉଛି ମହାପ୍ରଭୁଙ୍କ ଶ୍ରୀମନ୍ଦର ସତ୍ତ୍ୱଲିପିରେ ଉଲ୍ଲେଖ ଥିବା ସ୍ନାନ ସେବା କାର୍ଯ୍ୟକ୍ରମ ଏ ନୀତିର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ଦ୍ୱାଦଶ ଯାତ୍ରା ଭିତରୁ ଶ୍ରେଷ୍ଠ ଯାତ୍ରା ଭାବେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଏହି ଦେବସ୍ନାନ ନୀତି ବର୍ଷକରେ ଥରେ ସ୍ନାନ ମଣ୍ଡପରେ ଆମ ଭଳି ଅଗଣିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ କୃପା କରିଥାନ୍ତି ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା ଅନୁଷ୍ଠିତ ହୁଏ। ଏହି ସ୍ନାନଯାତ୍ରାକୁ ଦେବସ୍ନାନ କୁହାଯାଏ। ଏହିଦିନ ଶ୍ରୀମନ୍ଦିର ସ୍ନାନ ମଣ୍ଡପ ଉପରେ ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନଙ୍କୁ ୧୦୮ କଳସୀ ଅଭିମନ୍ତ୍ରିତ ପବିତ୍ର ଜଳରେ ସ୍ନାନ କରାଯାଏ । ସାଧାରଣତଃ ବର୍ଷକରେ ଥରୁଟିଏ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ଜଳସ୍ନାନ କରିବାର ପରମ୍ପରା ରହିଛି । ଏହାପରେ ଦିଅଁ ମାନଙ୍କୁ ଗଜାନନ ବେଶ ବା ଗଜବେଶରେ ସୁସଜ୍ଜିତ କରାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନ ଲୀଳା କରାଇ ଥିବାରୁ ଏହା ଦାରୁବ୍ରହ୍ମଙ୍କର ଆଦ୍ୟଲୀଳା ବୋଲି କୁହାଯାଏ। ଜ୍ୟେଷ୍ଠମାସ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ପ୍ରଥମଲୀଳା ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଦର୍ଶନ କରୁଥିବାରୁ ତାଙ୍କର ଏହି ଲୀଳାକୁ ପତିତପାବନ ଲୀଳା ମଧ୍ୟ କୁହାଯାଏ। ସେତେବେଳେ ସ୍ନାନମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ଦିଅଁମାନଙ୍କର ସ୍ନାନବିଧି ସମାପନ କରାଯାଇଥିଲା ।

ଶ୍ରୀମନ୍ଦିର ସତ୍ତ୍ୱଲିପିରେ ଉଲ୍ଲେଖ ରହିଛି ଗଙ୍ଗବଂଶୀ ତୃତୀୟ ଅନଙ୍ଗଭୀମ ଦେବଙ୍କ ଶାସନ କାଳ ଅର୍ଥାତ୍ ଖ୍ରୀଷ୍ଟ ୧୨୧୧-୧୨୩୮ ସମୟରେ ବର୍ତ୍ତମାନର ଶ୍ରୀମନ୍ଦିର



ପ୍ରତିଷ୍ଠା ସମୟରୁ ଦେବସ୍ନାନ କାର୍ଯ୍ୟକ୍ରମ ନିମିତ୍ତ ସୁନା କୂଅ ଖନନ ହୋଇଥିଲା । ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ସାଧାରଣ ଦିନ ପରି ଶ୍ରୀମନ୍ଦିରରେ କବାଟଫିଟା, ପାହାନ୍ତିଆ ଅବକାଶ, ସକାଳଧୂପ ଆଦି ନୀତି ସମାପନ ପରେ ଅଳ୍ପ ସମୟ ପାଇଁ ପହୁଡ଼ ହୁଏ । ପରେ ପରେ ସ୍ନାନ ପୂର୍ଣ୍ଣିମାର ବିଧି ଆରମ୍ଭ ହୋଇଯାଏ । ପ୍ରଭୁଙ୍କର ସେନାପଟା ଓ ବାହୁଟିନାଗି କରାଯାଏ । ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ ହୁଏ । ଦିଅଁମାନଙ୍କୁ ସେବକମାନେ ପହଣ୍ଡି କରାଇ ସାତ ପାହାଚକୁ ଆଣନ୍ତି । ଏହିଠାରେ ଟାହିଆ ନାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ । ବନ୍ଦାପନା ଓ ପନ୍ତି ଖାଇବା ପରେ ଦିଅଁମାନେ ସ୍ନାନବେଦୀକୁ ଯାଇ ଆସ୍ଥାନ ଉପରେ ଅବସ୍ଥାନ କରନ୍ତି । ଦେବସ୍ନାନ ପୂର୍ଣ୍ଣମୀର ପୂର୍ବଦିନ ଦିଅଁମାନଙ୍କ ପାଇଁ ଶ୍ରୀମନ୍ଦିରର ସୁନା କୂଅରୁ ୧୦୮ କଳସୀ ଜଳ ସଂଗ୍ରହ କରାଯାଇଥାଏ । ଏହି କୂଅଟି ବର୍ଷସାରା ବ୍ୟବହାର ହେଉ ନଥିବାରୁ ଏଥିରେ ଆସିଥିବା ଜଳକୁ ଅଣତୁଠ ଜଳ ବୋଲି କୁହାଯାଏ । ତେଣୁ ଏହି ୧୦୮ କଳସୀ ଜଳରେ ଅଷ୍ଟବନ୍ଧ, ଅଗୁର, ମୁଥା, ହରିଡ଼ା, ଉଶୀର, ଆମଳୀକ, ଗୋରଚନା, ଦେବଦାରୁ, ବାହାଡ଼ା, ସଞ୍ଜୀଠଚଷ୍ଟା, ତାମ୍ରପର୍ଣ୍ଣୀ, ଲୋଧା ଓ ସୋମପର୍ଣ୍ଣୀ ତେରଟି ପଦାର୍ଥ ମିଶ୍ରଣ କରାଯାଇ ଜଳକୁ ବୈଦିକ ତାନ୍ତ୍ରିକ ଓ ପୁରାଣ ଶାସ୍ତ୍ର ପରମ୍ପରାରେ ଅଭିମନ୍ତ୍ରିତ କରାଯାଏ । ଏହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଶ୍ରୀଜଗନ୍ନାଥଙ୍କୁ ୩୫ କଳସୀ, ୩୩ କଳସୀ ବଳଭଦ୍ରଙ୍କୁ, ସୁଭଦ୍ରାଙ୍କୁ ୨୨ କଳସୀ ଓ ୧୮ କଳସୀ ଜଳରେ ସୁଦର୍ଶନଙ୍କୁ ସ୍ନାନ କରାଯାଏ । ତାପରେ ଠାକୁରମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ଫେରନ୍ତି । ଏହି ଚତୁର୍ଦ୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣିମା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ୧୫ ଦିନ ଧରି ଜ୍ୱରରେ ପଡ଼ନ୍ତି । ଏହି ୧୫ ଦିନ ଭକ୍ତମାନେ ଦିଅଁମାନଙ୍କୁ ଦର୍ଶନ ପାଇ ପାରନ୍ତି ନାହିଁ । ତେଣୁ ଏହି ସମୟ ମଧ୍ୟରେ ଭକ୍ତମାନେ ନିକଟସ୍ଥ ବ୍ରହ୍ମଗିରିରେ ପୂଜିତ ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି ।

ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି ଗଜବେଶରେ ସଜ୍ଜିତ ହୁଅନ୍ତି । ଏହା ଏକ କିମ୍ବଦନ୍ତୀ ସମ୍ବଳିତ ବେଶ । ମହାରାଷ୍ଟ୍ରର ଏକ ବ୍ରାହ୍ମଣ ଗଣପତି ଭଟ୍ଟ ଶ୍ରୀକ୍ଷେତ୍ରର ମହିମା ଶୁଣି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇ ଆସିଲେ । ସେ ଥିଲେ ଭଗବାନ ଗଣେଶଙ୍କ ଭକ୍ତ । ଦାରୁ ବିଗ୍ରହ ଦର୍ଶନରେ ଗଜ ରୂପ ଦେଖି ନପାରିବାରୁ ସେ ପରମବ୍ରହ୍ମଙ୍କୁ ମାନିବାକୁ ଅସ୍ୱୀକାର କରି ମନ୍ଦିର ପରିତ୍ୟାଗ କଲେ । ପରଦିନ ଥିଲା ଦେବସ୍ନାନ ପୂର୍ଣ୍ଣିମା । ମହାପ୍ରଭୁଙ୍କ ଆଦେଶରେ ବଡ଼ପଣ୍ଡା ଗଣପତି ଭଟ୍ଟଙ୍କୁ ସ୍ନାନଯାତ୍ରା ଦେଖିବା ପାଇଁ ଆମନ୍ତ୍ରଣ କଲେ । ତାଙ୍କ ଦୃଷ୍ଟି ସମ୍ମୁଖରେ ଶ୍ରୀଜଗନ୍ନାଥ ରୂପ ପରିବର୍ତ୍ତନ ହୋଇ ଗଣପତି ରୂପ ହୋଇଗଲା । ଏହି ଅଲୌକିକ ଘଟଣା ଦେଖି ଗଣପତି ଭଟ୍ଟଙ୍କ ଜ୍ଞାନ ଉଦୟ ହେବାରୁ ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହୋଇ ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନାରେ ପ୍ରଭୁ ସନ୍ତୁଷ୍ଟ ହୋଇ ତାଙ୍କୁ ବର ପ୍ରଦାନ କଲେ ଯେ ପ୍ରତିବର୍ଷ ଏହି ସ୍ନାନପୂର୍ଣ୍ଣିମାରେ ସେ ଗଜବେଶ ଧାରଣ କରିବେ । ଏହି ଘଟଣା ଠାରୁ ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତି ଗଜବେଶ ଧାରଣ କରୁଥିବାର ଲୋକ ବିଶ୍ୱାସ ରହିଛି । ଦେବସ୍ନାନ ପୂର୍ଣ୍ଣିମାର ଏହି ପବିତ୍ର ତିଥିରେ ପୁରୀରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୁଏ । ଏପରିକି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାରା ରାତି ଭଜନ ସମାରୋହ ଅନୁଷ୍ଠିତ ହୋଇଥାଏ । ଭକ୍ତ ଭଗବାନଙ୍କ ଏହି ଅପୂର୍ବ ମିଳନ ଶ୍ରୀକ୍ଷେତ୍ରକୁ ସମଗ୍ର ରାତି ଉଜାଗର କରିଥାଏ ।

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ, ଦୂରଭାଷ :
୯୪୩୭୦୫୧୯୫୭

# କ୍ରସ୍-ଭୋଟିଂ: ଗଣତନ୍ତ୍ରର ମୂଳଦୁଆ ଉପରେ ଗମ୍ଭୀର ପ୍ରଶ୍ନ !

**ଅସିତ ମହାନ୍ତି**

ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ବିବିଧତା ଏବଂ ବହୁଳତା। ପ୍ରତ୍ୟେକ ନାଗରିକଙ୍କର ସେମାନଙ୍କ ରାଜନୈତିକ ଦୃଷ୍ଟିକୋଣ ଏବଂ ବିଶ୍ୱାସ ଉପରେ ଆଧାରିତ ପ୍ରତିନିଧି ବାଛିବାର ଅଧିକାର ଅଛି। ତଥାପି, ଯେତେବେଳେ ଏକ ନିର୍ଦ୍ଦିଷ୍ଟ ବିଚାରଧାରା କିମ୍ବା ଦଳର ନାମରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସେହି ପ୍ରତିନିଧିମାନେ ଭୋଟ ଦେବା ସମୟରେ ସେମାନଙ୍କ ଦଳର ନିର୍ଦ୍ଧାରିତ ରେଖାରୁ ବିଚ୍ୟୁତ ହୁଅନ୍ତି, ସେତେବେଳେ ଏହାକୁ କ୍ରସ୍-ଭୋଟିଂ କୁହାଯାଏ। ଏହି ଘଟଣା ସମ୍ପ୍ରତି ଅନେକ ରାଜ୍ୟରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ସମୟରେ ସ୍ପଷ୍ଟ ଭାବରେ ସ୍ପଷ୍ଟ ହୋଇଥିଲା, ଯାହା ଗଣତନ୍ତ୍ରର ମୂଳଦୁଆ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥାଏ।କ୍ରସ୍-ଭୋଟିଂ ଅର୍ଥ ହେଉଛି ଜଣେ ବିଧାୟକ କିମ୍ବା ସାଂସଦ ନିଜ ଦଳର ସରକାରୀ ପ୍ରାର୍ଥୀଙ୍କ ବଦଳରେ ଅନ୍ୟ ଦଳ କିମ୍ବା ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତି। ଏହା ପ୍ରାୟତଃ ସେତେବେଳେ ଘଟେ ଯେତେବେଳେ ଦଳ ଭିତରେ ଅସନ୍ତୋଷ, ବ୍ୟକ୍ତିଗତ ଲାଭର ସମ୍ଭାବନା କିମ୍ବା ଚାପ କିମ୍ବା ପ୍ରଲୋଭନ ଯୋଗୁଁ। ଭାରତୀୟ ରାଜନୀତିରେ ଏହି ଘଟଣା ନୂଆ ନୁହେଁ, କିନ୍ତୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏହାର ବାରମ୍ବାରତା ଏବଂ ପ୍ରଭାବ ବୃଦ୍ଧି ପାଉଛି। ରାଜ୍ୟସଭା ନିର୍ବାଚନରେ, ଯେଉଁଠାରେ ମତଦାନ ଖୋଲା ଅଛି ଏବଂ ଦଳୀୟ ହ୍ୱିପ୍ ପ୍ରଭାବରେ ଅଛି, କ୍ରସ୍-ଭୋଟିଂକୁ ଏକ ସ୍ପଷ୍ଟ ଅନୁଶାସନହୀନତା ଏବଂ ଗଣତାନ୍ତ୍ରିକ ବିଶ୍ୱାସଘାତକତା ଭାବରେ ବିବେଚନା କରାଯାଏ। ଗଣତନ୍ତ୍ରର ମୂଳଦୁଆ ହେଉଛି ଯେ ଜନସାଧାରଣ ତାଙ୍କର ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି, ଏବଂ ସେହି ପ୍ରତିନିଧିମାନେ ଦଳୀୟ ନୀତି ଏବଂ ଜନସ୍ୱାର୍ଥ ଉପରେ ଆଧାରିତ ନିଷ୍ପତ୍ତି ନିଅନ୍ତି। ତଥାପି, ଯେତେବେଳେ ସେହି ପ୍ରତିନିଧିମାନେ ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ଚାପ ଯୋଗୁଁ ସେମାନଙ୍କର ଭୋଟ ପରିବର୍ତ୍ତନ କରନ୍ତି, ଏହା ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗିଥାଏ। ଉଦାହରଣ ସ୍ୱରୂପ, ଯଦି କୌଣସି ରାଜ୍ୟର ଶାସକ ଦଳ ପାଖରେ ତାଙ୍କ ପ୍ରାର୍ଥୀଙ୍କ ବିଜୟକୁ ସହଜରେ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟା ଥାଏ, କିନ୍ତୁ କିଛି ବିଧାୟକ କ୍ରସ୍-ଭୋଟ୍ ଦେଇ ବିରୋଧୀ ପ୍ରାର୍ଥୀଙ୍କୁ ସମର୍ଥନ କରନ୍ତି, ତେବେ ଏହା କେବଳ ରାଜନୈତିକ ସମୀକରଣକୁ ପରିବର୍ତ୍ତନ କରେ ନାହିଁ ବରଂ ଜନସାଧାରଣଙ୍କ ଜନାଦେଶକୁ ମଧ୍ୟ ଦୁର୍ବଳ କରିଥାଏ।କ୍ରସ୍-ଭୋଟିଂ ପ୍ରାୟତଃ "ବିବେକର ସ୍ୱର" କହି ଯଥାର୍ଥ ହୋଇଥାଏ। କିନ୍ତୁ କଥା ହେଉଛି ଯେ ଯେତେବେଳେ ଜନସାଧାରଣ ଦଳୀୟ ଟିକେଟରେ ଜଣେ ପ୍ରାର୍ଥୀଙ୍କୁ ନିର୍ବାଚିତ କରିଛନ୍ତି, ସେମାନଙ୍କର ପ୍ରାଥମିକ ବିଶ୍ୱସ୍ତତା ଜନସାଧାରଣ ଏବଂ ଦଳ ଉଭୟଙ୍କ ପ୍ରତି ହେବା ଉଚିତ। ଯଦି ଜଣେ ବିଧାୟକ କିମ୍ବା ସାଂସଦ ପ୍ରକୃତରେ ଅସନ୍ତୁଷ୍ଟ, ତେବେ ସେମାନଙ୍କର ଇସ୍ତଫା ଦେବା ଏବଂ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାର ବିକଳ୍ପ ଅଛି। ଇସ୍ତଫା ନ ଦେଇ କ୍ରସ୍-ଭୋଟିଂ ଗଣତାନ୍ତ୍ରିକ ନୀତି ବିରୁଦ୍ଧ। ସାମ୍ପ୍ରତିକ ରାଜ୍ୟସଭା ନିର୍ବାଚନ ସମୟରେ ଅନେକ ରାଜ୍ୟରେ କ୍ରସ୍-ଭୋଟିଂର ଉଦାହରଣ ରିପୋର୍ଟ କରାଯାଇଥିଲା। କିଛି କ୍ଷେତ୍ରରେ, ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଅପ୍ରତ୍ୟାଶିତ ସମର୍ଥନ ମିଳିଥିଲା, ଯେତେବେଳେ ଅନ୍ୟ କ୍ଷେତ୍ରରେ, ଶାସକ ଦଳ ଭିତରେ ବିଦ୍ରୋହ ଦେଖାଦେଇଥିଲା। ଏହି ଘଟଣାଗୁଡ଼ିକ ଦର୍ଶାଉଛି ଯେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମତଭେଦ ଏବଂ ସୁଯୋଗବାଦ କେତେ ପରିମାଣରେ ବୃଦ୍ଧି ପାଇଛି। ଗଣତନ୍ତ୍ରରେ ମତଭେଦ ସ୍ୱାଭାବିକ, କିନ୍ତୁ ଏହାକୁ ପ୍ରକାଶ କରିବାର ପ୍ରକ୍ରିୟା ସ୍ୱଚ୍ଛ ଏବଂ ନୈତିକ ହେବା ଆବଶ୍ୟକ। ଗୁପ୍ତ ସୌଦାବାଜି ଏବଂ ପ୍ରଲୋଭନ ଉପରେ ଆଧାରିତ ଭୋଟ ପରିବର୍ତ୍ତନ ଗଣତନ୍ତ୍ରକୁ ଦୁର୍ବଳ କରେ।

କ୍ରସ୍-ଭୋଟିଂର ଏକ ପ୍ରମୁଖ ପ୍ରତିକୂଳ ପ୍ରଭାବ ହେଉଛି ଯେ ଏହା ଦଳୀୟ ରାଜନୀତିରେ ଅସ୍ଥିରତା ବୃଦ୍ଧି କରେ। ଏହା ଦଳଗୁଡ଼ିକ ମଧ୍ୟରେ ବିଶ୍ୱାସକୁ ଭାଙ୍ଗିଦିଏ, ଏବଂ ଜନସାଧାରଣଙ୍କୁ ବାର୍ତ୍ତା ଦିଏ ଯେ ସେମାନଙ୍କର ନିର୍ବାଚିତ ପ୍ରତିନିଧିମାନେ ବିକ୍ରୟ ପାଇଁ। ଏହା ଗଣତନ୍ତ୍ରର ବିଶ୍ୱସନୀୟତାକୁ ଗୁରୁତର ଭାବରେ କ୍ଷୁର୍ଣ୍ଣ କରେ। ଯେତେବେଳେ ସେମାନଙ୍କର ପ୍ରତିନିଧି ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସମୟରେ ଜନାଦେଶକୁ ପରିବର୍ତ୍ତନ କରିପାରିବେ, ସେତେବେଳେ ଜନସାଧାରଣ ସେମାନଙ୍କ ଭୋଟର ମୂଲ୍ୟ ଉପରେ ପ୍ରଶ୍ନ ଉଠାଇବାକୁ ବାଧ୍ୟ ହୁଅନ୍ତି।

ଭାରତୀୟ ସମ୍ବିଧାନ ଦଳତ୍ୟାଗ ଏବଂ ଅନୁଶାସନହୀନତାକୁ ରୋକିବା ପାଇଁ ଏକ ଦଳତ୍ୟାଗ ବିରୋଧୀ ଆଇନ ପ୍ରଣୟନ କରିଥିଲା। ତଥାପି, ଏହି ଆଇନ ପ୍ରାୟତଃ କ୍ରସ୍-ଭୋଟିଂ କ୍ଷେତ୍ରରେ ପ୍ରୟୋଗ ହୁଏ ନାହିଁ, କାରଣ ଏହା ବୈଷୟିକ ଭାବରେ ଦଳତ୍ୟାଗ କରେ ନାହିଁ। ବିଧାୟକ କିମ୍ବା ସାଂସଦମାନେ ସେମାନଙ୍କର ସଦସ୍ୟତାରୁ ଇସ୍ତଫା ଦିଅନ୍ତି ନାହିଁ, କିନ୍ତୁ ଭୋଟ ଦେବା ସମୟରେ କେବଳ ଦଳୀୟ ଲାଇନରୁ ବିଚ୍ୟୁତ ହୁଅନ୍ତି। ଏହି କାରଣରୁ ଏହି ଘଟଣା ପ୍ରାୟତଃ ଆଇନଗତ ଯାଞ୍ଚରୁ ବଞ୍ଚିଯାଏ। ତଥାପି, ନୈତିକ ଦୃଷ୍ଟିକୋଣରୁ, ଏହା ଖୋଲା ଦଳତ୍ୟାଗ ପରି ଗମ୍ଭୀର ଅପରାଧ।

ଗଣତନ୍ତ୍ରର ଶକ୍ତି ଜନସାଧାରଣଙ୍କ ପ୍ରତିନିଧିମାନଙ୍କ ଉପରେ ନିରନ୍ତର ବିଶ୍ୱାସ ଉପରେ ନିର୍ଭର କରେ। ଯଦି ପ୍ରତିନିଧିମାନେ ବାରମ୍ବାର କ୍ରସ୍-ଭୋଟ୍ ଦିଅନ୍ତି, ତେବେ ଜନସାଧାରଣଙ୍କ ବିଶ୍ୱାସ ଭାଙ୍ଗିଯିବ ଏବଂ ଗଣତନ୍ତ୍ର କେବଳ ଏକ ଔପଚାରିକତାରେ ପରିଣତ ହେବ। ଗଣତନ୍ତ୍ରର ପ୍ରକୃତ ଅର୍ଥ ହେଉଛି ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ସ୍ୱଚ୍ଛତା। ଯେତେବେଳେ ଏହି ସ୍ୱଚ୍ଛତା ଭାଙ୍ଗିଯାଏ, ସେତେବେଳେ ଗଣତନ୍ତ୍ର ଫମ୍ପା ହୋଇଯାଏ। କ୍ରସ୍-ଭୋଟିଂକୁ ରୋକିବା ପାଇଁ, ରାଜନୈତିକ ଦଳଗୁଡ଼ିକୁ ନିଜ ଭିତରେ ଗଣତାନ୍ତ୍ରିକ ସଂସ୍କୃତିକୁ ମଜବୁତ କରିବାକୁ ପଡିବ। ଯଦି ଦଳ ଭିତରେ ଅସନ୍ତୋଷ ଥାଏ, ତେବେ ଏହାକୁ ଆଲୋଚନା ଏବଂ ସଂସ୍କାର ମାଧ୍ୟମରେ ସମାଧାନ କରାଯିବା ଉଚିତ। ଏହା ବ୍ୟତୀତ, ନିର୍ବାଚନ କମିଶନ ଏବଂ ନ୍ୟାୟପାଳିକାକୁ ମଧ୍ୟ ଏହା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ ଯାହା ଦ୍ୱାରା କୌଣସି ପ୍ରତିନିଧି ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗିପାରିବେ ନାହିଁ।

ଶେଷରେ, ଏହା କହିବା ଉଚିତ ଯେ କ୍ରସ୍-ଭୋଟିଂ ଗଣତନ୍ତ୍ର ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରେ। ଏହା କେବଳ ଦଳଗୁଡ଼ିକ ମଧ୍ୟରେ କ୍ଷମତା ସନ୍ତୁଳନକୁ ପରିବର୍ତ୍ତନ କରେ ନାହିଁ ବରଂ ଜନସାଧାରଣଙ୍କ ବିଶ୍ୱାସକୁ ମଧ୍ୟ ଦୁର୍ବଳ କରେ। ଗଣତନ୍ତ୍ରର ପ୍ରକୃତ ଶକ୍ତି ହେଉଛି ଜନସାଧାରଣଙ୍କ ବିଶ୍ୱାସ, ଏବଂ ଯଦି ଏହି ବିଶ୍ୱାସ ଭାଙ୍ଗିଯାଏ, ତେବେ ଗଣତନ୍ତ୍ର ଫମ୍ପା ହୋଇଯାଏ। ତେଣୁ, କ୍ରସ୍-ଭୋଟିଂ ଭଳି ପ୍ରବୃତ୍ତିକୁ ରୋକିବା ଏବଂ ଗଣତନ୍ତ୍ରକୁ ତାର ପ୍ରକୃତ ଆତ୍ମା - ଜନ ଅଂଶଗ୍ରହଣ ଏବଂ ସ୍ୱଚ୍ଛତାରେ ଜୀବନ୍ତ ରଖିବା ଅତ୍ୟନ୍ତ ଜରୁରୀ।

ସ୍ତମ୍ଭକାର ଏବଂ ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ଓଡିଶା ପ୍ରେକ୍ଷାପଟ୍ଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କ ଭୂମିକା ଓ ନିରପେକ୍ଷତା

**ସୌଭାଗ୍ୟ ରଂଜନ ମହାନ୍ତି**

ସାମ୍ପ୍ରତିକ ସିନେମାରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କ ବା ପ୍ରଭାବଶାଳୀ ବ୍ୟକ୍ତିମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ଯେଉଁମାନେ ନିଜର ସୃଜନଶୀଳତା ଏବଂ ସ୍ଥାନୀୟ ସଂଯୋଗ ଦ୍ୱାରା ଲୋକଙ୍କ ଚିନ୍ତାଧାରା ଓ ଜୀବନଶୈଳୀକୁ ପ୍ରଭାବିତ କରୁଛନ୍ତି । ଓଡିଶାର କୋଣ ଅନୁକୋଣରେ ଇଂଟରନେଟର ପହଂଚ ପରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଏବଂ ଶେୟାରଚାଟ୍ ଭଳି ପ୍ଲାଟଫର୍ମଗୁଡିକ ଏକ ଶକ୍ତିଶାଳ ଆୟୁଧ ସାଜିଛି । ଏହି ପ୍ରେକ୍ଷାପଟ୍ଟରେ ଓଡିଆ ଇନଫ୍ଲୁଏନ୍ସରମାନେ ସାଧାରଣ ଜନତା ଏବଂ ଆଧୁନିକ ଗଣମାଧ୍ୟମ ମଧ୍ୟରେ ଏକ ସେତୁ ଭଳି କାମ କରୁଛନ୍ତି, ଯେଉଁଠି ସେମାନେ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ଆଧାର କରି ବିଭିନ୍ନ ବିଷୟବସ୍ତୁ ତିଆରି କରୁଛନ୍ତି । ଓଡିଶାରେ ଇନଫ୍ଲୁଏନ୍ସର ମାର୍କେଟିଂ ଏବଂ କଣ୍ଟେଂଟ କ୍ରିଏସନର ଏକ ନୂଆ ଯୁଗ ଆରମ୍ଭ ହୋଇଛି, ଯେଉଁଥିରେ କମେଡି, ଭ୍ରମଣ, ଖାଦ୍ୟପେୟ, ସୌନ୍ଦର୍ଯ୍ୟ ଏବଂ ଶିକ୍ଷା ଭଳି କ୍ଷେତ୍ରରେ ଅନେକ ପ୍ରତିଭା ସାମ୍ନାକୁ ଆସିଛନ୍ତି । ଏହି ପ୍ରଭାବଶାଳୀ ବ୍ୟକ୍ତିମାନେ ସେମାନଙ୍କର ସ୍ଥାନୀୟ ଓଡିଆ ଆଂଚଳିକ ଭାଷା ଯଥା ସମ୍ବଲପୁରୀ, ଗଞ୍ଜାମୀ କିମ୍ବା ଉପକୂଳବର୍ତ୍ତୀ ଓଡିଆ ଭାଷାର ପ୍ରୟୋଗା କରି ସିଧାସଳଖ ଲୋକଙ୍କ ହୃଦୟକୁ ଛୁଇଁପାରୁଛନ୍ତି ଏବଂ ଏହି କାରଣରୁ ପାରମ୍ପରିକ ଗଣମାଧ୍ୟମ ତୁଳନାରେ ସେମାନଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଅଧିକ ଦେଖିବାକୁ ମିଳୁଛି । ଓଡିଶାର ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନଙ୍କର ସବୁଠାରୁ ବଡ ଅବଦାନ ହେଉଛି ରାଜ୍ୟର କଳା, ସଂସ୍କୃତି ଓ ପର୍ଯ୍ୟଟନର ବିଶ୍ୱସ୍ତରୀୟ ପ୍ରସାର, ଯେଉଁଥିରେ ସେମାନେ ଓଡିଶାର ଅନାଲୋଚିତ ପର୍ଯ୍ୟଟନ ସ୍ଥଳୀ, ପାରମ୍ପରିକ ହସ୍ତତନ୍ତ, ସମ୍ବଲପୁରୀ ଶାଢୀ ଏବଂ ଓଡିଶାର ସ୍ୱତନ୍ତ୍ର ଖାଦ୍ୟ ଯଥା ପଖାଳ, ରସଗୋଲା ଓ ଛେନାପୋଡକୁ ଆଧୁନିକ ଢଙ୍ଗରେ ଉପସ୍ଥାପନ କରି ଦେଶବିଦେଶରେ ଏହାର ଆଦୃତି ବଢାଉଛନ୍ତି । ଏହାସହିତ ଗ୍ରାମାଂଚଳରେ ଅନେକ ପ୍ରତିଭାବାନ ଯୁବକଯୁବତୀ, ଯେଉଁମାନେ କୌଣସି ବଡ ମଂଚ ପାଇବାରୁ ବଂଚିତ ଥିଲେ, ସେମାନେ ଆଜି କେବଳ ଏକ ସ୍ମାର୍ଟଫୋନ ବ୍ୟବହାର କରି ନିଜର କଳା ପ୍ରଦର୍ଶନ କରୁଛନ୍ତି ଏବଂ ଓଡିଶାର ଘର ଘରର ପରିଚିତ ଚେହେରା ପାଲଟିଛନ୍ତି । ଏହା କେବଳ ସେମାନଙ୍କୁ ଆତ୍ମନିର୍ଭରଶୀଳ କରୁନାହିଁ, ବରଂ ଓଡିଶାର ଅର୍ଥନୀତିରେ ଡିଜିଟାଲ କର୍ମସଂସ୍ଥାନର ଏକ ନୂତନ ଦିଗ ଉନ୍ମୋଚନ କରୁଛି । ତେବେ ଏହି ସକରାତ୍ମକ ପ୍ରଭାବ ସହିତ ସାମାଜିକ ଗଣମାଧ୍ୟମ ପ୍ରଭାବଶାଳୀମାନଙ୍କର କିଛି ନକାରାତ୍ମକ ଦିଗ ଏବଂ ସମାଜ ପ୍ରତି ଥିବା ଦାୟିତ୍ୱବୋଧକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ । ଅନେକ ସମୟରେ ଅଧିକ ଭ୍ୟୁଜ୍ ଏବଂ ଲାଇକ୍ ପାଇବା ଆଶାରେ କିଛି ଇନଫ୍ଲୁଏନ୍ସର ଅଶ୍ଳୀଳତା, ଅପସଂସ୍କୃତି କିମ୍ବା ଭ୍ରାମକ ତଥ୍ୟ ପ୍ରସାର କରିଥାନ୍ତି, ଯାହା ଓଡିଶାର ସାଂସ୍କୃତିକ ମୂଲ୍ୟବୋଧକୁ ଆଘାତ ପହଂଚାଏ ଏବଂ ବିଶେଷ କରି କୋମଳମତି ଶିଶୁ ଓ ଯୁବପିଢିଙ୍କ ଉପରେ ଏହାର କୁପ୍ରଭାବ ପଡିଥାଏ । ବିଜ୍ଞାପନ ବା ସ୍ପନ୍ସରସିପ୍ ମାଧ୍ୟମରେ ଖରାପ ବା ଅନୁପଯୁକ୍ତ ସାମଗ୍ରୀର ପ୍ରୋତ୍ସାହନ କରିବା ମଧ୍ୟ ଗ୍ରାହକମାନଙ୍କୁ ଭ୍ରମିତ କରିଥାଏ ତେଣୁ ସେମାନଙ୍କର ଏକ




ସାମାଜିକ ଉତରଦାୟିତ୍ୱ ରହିବା ଅତ୍ୟନ୍ତ ଜରୁରୀ । ସରକାରୀ ସ୍ତରରେ ମଧ୍ୟ ଓଡିଶା ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସ୍ୱାସ୍ଥ୍ୟ ସେବା ଏବଂ ସଚେନତା ବାର୍ତାକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ଏହି ଇନଫ୍ଲୁଏନ୍ସରମାନଙ୍କର ସାହାଯ୍ୟ ନେଉଛନ୍ତି, ଯାହା ସେମାନଙ୍କର ଗୁରୁତ୍ୱକୁ ଆହୁରି ବଢାଇ ଦେଇଛି । କରୋନା ମହାମାରୀ ସମୟରେ ହେଉ କିମ୍ବା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟାୟ ସମୟରେ ଓଡିଆ ସୋସିଆଲ ମିଡିଆ ପ୍ରଭାବଶାଳୀମାନେ ସଠିକ୍ ସୂଚନା ପ୍ରଦାନ ଏବଂ ସାହାଯ୍ୟ ସଂଗ୍ରହ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ପରିଶେଷରେ ଏହା କୁହାଯାଇପାରେ ଯେ ଓଡିଶା ପ୍ରେକ୍ଷାପଟ୍ଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନେ ହେଉଛନ୍ତି ଏକ ନୂତନ ବୈପ୍ଳବିକ ପରିବର୍ତନର ସୂତ୍ରଧର, ଯଦି ସେମାନେ ନିଜର ପ୍ରଭାବକୁ ସକରାତ୍ମକ ଭାବେ ଏବଂ ସାମାଜିକ ଦାୟିତ୍ୱର ସହ ବ୍ୟବହାର କରିବେ, ତେବେ ଓଡିଶାର କଳା, ସଂସ୍କୃତି ଓ ଅର୍ଥନୀତିକୁ ଏକ ନୂତନ ଶିଖରରେ ପହଂଚାଇବା ସହ ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିପାରିବେ । ଆଜିର ଡିଜିଟାଲ ଦୁନିଆରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନେ ସାଧାରଣ ଜନତାଙ୍କ ମତାମତ ଏବଂ ନିଷ୍ପତିକୁ ବହୁଳ ଭାବେ ପ୍ରଭାବିତ କରୁଥିବାରୁ ସେମାନଙ୍କର ନିରପେକ୍ଷତା ବଜାୟ ରଖିବା ଏକାନ୍ତ ଆବଶ୍ୟକ ଏବଂ ଯେତେବେଳ ଜଣେ ପ୍ରଭାବଶାଳୀ ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ ବ୍ରାଣ୍ଡ, ରାଜନୈତିକ ଦଳ ବା ବ୍ୟକ୍ତିଗତ ଲାଭ ପାଇଁ ପକ୍ଷପାତିତା କରନ୍ତି ସେତେବେଳେ ସେମାନଙ୍କର ବିଶ୍ୱସନୀୟତା ହ୍ରାସ ପାଇଥାଏ । ଫଲୋଅର୍ସମାନେ ଜଣେ ଇନଫ୍ଲୁଏନ୍ସରଙ୍କୁ ତାଙ୍କର ସ୍ୱଚ୍ଛତା ଓ ସାଧୁତା ପାଇଁ ପସନ୍ଦ କରୁଥିବାରୁ ପକ୍ଷପାତିତା ଦ୍ୱାରା ଲୋକଙ୍କ ବିଶ୍ୱାସ ତୁଟିଯାଏ ଏବଂ ବିଶେଷ କରି ଓଡିଶା ଭଳି ଏକ ବିକାଶଶୀଳ ରାଜ୍ୟରେ ଯେଉଁଠି ଲୋକେ ସୋସିଆଲ ମିଡିଆର ସୂଚନା ଉପରେ ବହୁତ ନିର୍ଭର କରନ୍ତି ସେମାନେ ଟଙ୍କା ନେଇ ପ୍ରଚାର କରୁଛନ୍ତି ତେବେ ସେ ବିଷୟରେ ସ୍ପଷ୍ଟ ଭାବେ ଚବସୟ ଚବକ୍ସଗ୍ସଭରକ୍ସଗ୍ସଷସକ୍ଟ ବା ଇୟ ଲେଖି ଜଣାଇବା ଉଚିତ ଯଦ୍ଦ୍ୱାରା ଦର୍ଶକ ନିଜେ ସଠିକ୍ ନିଷ୍ପତି ନେଇପାରିବେ ଏବଂ କୌଣସି ବାଦ-ବିବାଦ ବା ସାମାଜିକ ପ୍ରସଙ୍ଗରେ କୌଣସି ଗୋଟିଏ ପକ୍ଷକୁ ଅନ୍ଧ ଭାବେ ସମର୍ଥନ ନକରି ସତ୍ୟର ସହିତ ଠିଆ ହେବା ଏକ ସୁସ୍ଥ ଡିଜିଟାଲ ସମାଜ ଗଠନରେ ସାହାଯ୍ୟ କରେ । ପ୍ରକୃତ ଇନଫ୍ଲୁଏନ୍ସର ସେହିମାନେ ଯେଉଁମାନେ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ନିଜ ଦର୍ଶକମାନଙ୍କୁ ସବୁବେଳେ ସଠିକ୍ ଏବଂ ନିରପେକ୍ଷ ମାର୍ଗଦର୍ଶନ କରାଇଥାନ୍ତି ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨

# ବିପର୍ଯ୍ୟୟ ପରିଚାଳନାରେ କୌଣସି ଶିଥିଳତା ବରଦାସ୍ତ କରାଯିବନି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ରା.ରି) : ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ରହିଛି । ଖରିଫ ଫସଲ ଯେପରି ପ୍ରଭାବିତ ନହେବ, ସେଥିପାଇଁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାମ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । କୃଷି ବିଭାଗକୁ ସ୍ୱତନ୍ତ୍ର କଣ୍ଟିଜେନ୍ସି ଯୋଜନା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' (SLNCC) ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି । ଏହି ଫୁଲ୍ ପ୍ରୁଫ୍ ବ୍ୟବସ୍ଥାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଙ୍ଗ୍ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି । ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ, ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ବିଶେଷ କରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ 'ନିରକ୍ଷଣ ସମିତି' ଗଠନ କରାଯାଇଛି ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଏହି ସଫଳ 'ଜିରୋ କାଜୁଆଲ୍ଟି' (ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି । ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ (BRICS) ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି । ଚାଷୀ ଭାଇମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆମ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ । ଚାଷୀମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର 'ଅଦିନିଆ ବର୍ଷା'କୁ ଏକ 'ରାଜ୍ୟ-ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ' ଭାବେ ଘୋଷଣା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଭିତ୍ତିଭୂମି ପ୍ରସ୍ତୁତି କ୍ରମରେ ରାଜ୍ୟରେ ଥିବା ୯୧୧ଟି ବହୁମୁଖୀ ଆଶ୍ରୟସ୍ଥଳୀର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି । ଯେଉଁଠାରେ ପାନୀୟ ଜଳ, ଆଲୋକ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା ପ୍ରାକ୍-ପ୍ରସ୍ତୁତି ସମୟରେ ହିଁ ସୁନିଶ୍ଚିତ କରାଯିବ । ଜାତୀୟ ସ୍ତରର କମନ ଆଲର୍ଟିଂ ପ୍ରୋଟୋକଲ (CAP) ମାଧ୍ୟମରେ SMS ପ୍ରେରଣ ବ୍ୟବସ୍ଥା, ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଏବଂ ୧୧୨ ହେଲ୍ପଲାଇନ ସମ୍ପୂର୍ଣ୍ଣ ସକ୍ରିୟ ରହିଛି । ବିପର୍ଯ୍ୟୟ ସମୟରେ ଗୁଜବ ରୋକିବା ପାଇଁ ଟେଲିଭିଜନ ସହିତ ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲ୍ରେ ଲୋକଙ୍କୁ ସଠିକ୍ ଓ ନିର୍ଭୁଲ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ବିଶେଷ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନର ୨୦ଟି ଓଡ୍ରାଫ୍ (ODRAF) ଟିମ୍ ଏବଂ ୩୪୭ଟି ଅଗ୍ନିଶମ କେନ୍ଦ୍ର ଅତ୍ୟାଧୁନିକ ସରଞ୍ଜାମ ସହ ପ୍ରସ୍ତୁତ ଥିବାବେଳେ, ରାଜ୍ୟରେ ଆଉ ୧୦ଟି ନୂତନ ଓଡ୍ରାଫ୍ ବାହିନୀ ଗଠନ ପ୍ରକ୍ରିୟା ଜାରି ରହିଛି ।

ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ସରକାର ଓ ଜନସାଧାରଣଙ୍କ ମିଳିତ ପ୍ରୟାସ ଏକାନ୍ତ ଆବଶ୍ୟକ ଏବଂ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଓଡ଼ିଶାବାସୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ ଓଡ଼ିଶା କିଭଳି ବିଗତ ଦିନରେ ପ୍ରାକୃତିକ ସଂକଟଗୁଡ଼ିକର ସଫଳତାର ସହ ମୁକାବିଲା କରି ସାରା ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି । ବିଶେଷ କରି ସରକାରଙ୍କ ସୁଚିନ୍ତିତ ପ୍ରାକ୍-ପ୍ରସ୍ତୁତି ଏବଂ ସମୟୋଚିତ ଉଦ୍ଧାର କାର୍ଯ୍ୟ ଯୋଗୁଁ ରାଜ୍ୟ 'ଜିରୋ କାଜୁଆଲ୍ଟି' ବା ଶୂନ୍ୟ ମୃତ୍ୟୁହାର ନୀତିକୁ ସଫଳତାର ସହ ପାଳନ କରିବାରେ ସମର୍ଥ ହୋଇଛି । ରାଜ୍ୟର ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକୀୟ ଆର୍ଥିକ ଅନୁଦାନ ଓ ଭିତ୍ତିଭୂମିର ସମୀକ୍ଷା କରିବା ସହ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି (SDRF) ର ସଠିକ୍ ବିନିଯୋଗ ଉପରେ ଶ୍ରୀ ପୂଜାରୀ ଆଲୋକପାତ କରିଥିଲେ । ସେ ସୂଚନା ଦେଇଥିଲେ ଯେ ବିଗତ ବନ୍ୟା ଓ ବାତ୍ୟା ସମୟରେ ଉତ୍ତର ଓଡ଼ିଶା ଏବଂ ଆକସ୍ମିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ କୋଟି କୋଟି ଟଙ୍କାର ତୁରନ୍ତ ରିଲିଫ୍ ଓ ସାଧାରଣ ସମ୍ପତ୍ତିର ସାମୟିକ ମରାମତି ସହାୟତା ଯୋଗାଇ ଦିଆଯାଇଛି ବୋଲି କହିଥିଲେ । ବୈଠକରେ ଉପସ୍ଥିତ ବିଧାୟକ ଏବଂ ସାଂସଦ ନିଜ ନିଜ ନିର୍ବାଚନ ମଣ୍ଡଳୀର ବାସ୍ତବ କ୍ଷେତ୍ରସ୍ତରୀୟ ସ୍ଥିତିକୁ ଆଧାର କରି ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଉପସ୍ଥାପନ କରିଥିଲେ ।

## ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଏକାଠି ହେଲେ ବୁଦ୍ଧିଜୀବୀ

ଭୁବନେଶ୍ୱର: ଓଡ଼ିଶାର ଚିନ୍ତାଶୀଳ ଲୋକଙ୍କ ମଞ୍ଚ "ଆଗାମୀ ଓଡିଶା" ପକ୍ଷରୁ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ 'ପର୍ବତ ବଞ୍ଚାଓ, ଜଙ୍ଗଲ ବଞ୍ଚାଓ ଓ ନଦୀ ବଞ୍ଚାଓ' ବିଷୟ କୁ ନେଇ ଏକ ଚିନ୍ତନ ବୈଠକ ଆୟୋଜିତ ହୋଇ ଯାଇଛି । ପର୍ବତ ହେଉଛି ଆମ ପାଇଁ ପାଣିଟାଙ୍କି ସଦୃଶ । ଜଙ୍ଗଲ ହେଉଛି ଧରିତ୍ରୀର ଫୁସଫୁସ ଓ ନଦୀ ହେଉଛି ଆମର ଧମନୀ । ଏସବୁ ବିନା ମଣିଷ ସମାଜ ଓ ଜୀବଜଗତର ଅସ୍ତିତ୍ୱ ରହିବ ନାହିଁ । ଏହି ତିନୋଟି ଜୀବନର ଅତି ମୌଳିକ ପ୍ରାକୃତିକ ଉପାଦାନର ସୁରକ୍ଷା ପାଇଁ ଆଜି ଆରମ୍ଭ ହୋଇଛି ଏକ ପ୍ରୟାସ । ଓଡ଼ିଶାର ପ୍ରତିଷ୍ଠିତ ବୁଦ୍ଧିଜୀବୀ, ପରିବେଶବିତ, ପୂର୍ବତନ ପ୍ରଶାସକ, ସାମ୍ବାଦିକ, ବୈଜ୍ଞାନିକ ତଥା ସାମାଜିକ କର୍ମୀ ମାନଙ୍କ ବୈଠକରେ ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ମାନ ନିଆଯାଇଛି ।ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ଓଡିଶା ଓ ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ବୈଠକ ବିଷୟରେ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ ଯେ ଓଡ଼ିଶାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ବିଭବ ହେଉଛି ପାହାଡ଼, ଜଙ୍ଗଲ ଓ ନଦୀ । ଏସବୁ ବ୍ୟତିରେକେ ଓଡିଶା ଜନ ଜୀବନର ଅସ୍ତିତ୍ୱ ରହିବ ନାହିଁ । ସେଥିପାଇଁ ଓଡ଼ିଶାବାସୀ ଏସବୁ ର ସୁରକ୍ଷା ପାଇଁ ଏବେଠୁ ଚିନ୍ତା ନକଲେ ଭବିଷ୍ୟତ ପିଢ଼ି ଆମକୁ କେବେ କ୍ଷମା ଦେବ ନାହିଁ ।ବୈଠକର ଅନ୍ୟତମ ଆବାହକ ଡ଼ ଅରବିନ୍ଦ ବେହେରା ଅଭିବୃଦ୍ଧି ସର୍ବସ୍ୱ ବିକାଶ ବାସ୍ତବରେ ବିକାଶ ନୁହଁ ।

# ବିଗୁଡ଼ୁଛି ସ୍ଥିତି, ବାୟୁ ପାଲଟୁଛି ବିଷ

ଢ଼େଙ୍କାନାଳ (ରା.ରି) : ଢ଼େଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବିଶେଷ କରି ଜିଲ୍ଲାର ସଦର, ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଗଢ଼ି ଉଠିଥିବା ଖଣିଖାଦାନ, ଶିଳ୍ପାନୁଷ୍ଠାନ, ମାତ୍ରାଧିକ ଯାନବାହାନ ଇତ୍ୟାଦି ଗୁଡ଼ିକ ବାୟୁମଣ୍ଡଳର ସନ୍ତୁଳନକୁ



ବିଗାଡ଼ି ଚାଲିଛନ୍ତି । ବିଷ ପାଲଟିଲାଣି ଏଠାକାର ବାୟୁ। ସ୍ଥିତି ଏଭଳି ହେଲାଣି ଯେ ଆଖି ଜଳପୋଡ଼ା ହେବା ସହ ନିଃଶ୍ୱାସ ନେବା କଷ୍ଟକର ହୋଇପଡ଼ିଛି । ଜିଲ୍ଲାରେ ଆଉ ପ୍ରକୃତିର ବାତାବରଣ ସଠିକ ଢଙ୍ଗରେ ପରିଚାଳନା ହେଉନାହିଁ। ପୂର୍ବରୁ ଅଞ୍ଚଳରେ ଉପରମୁହାଁ ହେଲେ ସିଧାସଳଖ ନୀଳବର୍ଣ୍ଣର ଅକାଶ ଦେଖାଯାଉଥିଲା । କିନ୍ତୁ ବର୍ତ୍ତମାନ ଅଞ୍ଚଳର ବକ୍ଷରେ ଠିଆହୋଇ ଉପରକୁ ଚାହିଁଲେ ଆକାଶକୁ କଳାରଙ୍ଗର ଆସ୍ତରଣ ଢାଙ୍କି ରଖିଲା ଭଳି ଦେଖାଯାଉଛି । ପୂର୍ବରୁ ଲୋକଙ୍କ ଚାଳଛପର ଘର ଥିଲା ଏବଂ ଯଦି ସେହି ଚାଳଛପର ଘର ଉପରେ କଣାଟିଏ ଥାଏ ତେବେ ସେହି କଣା ଦେଇ ସୂର୍ଯ୍ୟଙ୍କ ଯେଉଁ ଆଲୋକ ପଡ଼ିଥାଏ ସେଥିରେ ଦେଖିହୁଏ ଯେ ଘର ଭିତରେ ରହିଥିବା ବାୟୁରେ ମିଶିଥିବା ଧୂଳିକଣା । ତାହାର ମାପିବାର ଯନ୍ତ୍ର ନଥିଲେ ମଧ୍ୟ ଜାଣିହୁଏ । ପୂର୍ବପରି ସବୁଜ ବୃକ୍ଷଭରା ଓଡ଼ାପଡ଼ା ଅଞ୍ଚଳରେ ଏବେ ପ୍ରଦୂଷଣ ବଳୟରେ ଜର୍ଜରିତ ସରକାରୀ ଓ ବେସରକାରୀ ରିପୋର୍ଟ ଅନୁସାରେ ବାୟୁ ଗୁଣବର୍ତ୍ତା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ବାୟୁମଣ୍ଡଳର ନିରବଚ୍ଛିନ୍ନ ଅମ୍ଳଜାନ, ଅଙ୍ଗାରକାମ୍ଳ, ଯବକ୍ଷାରଜାନ, ଉଦଜାନ ଆଦି ଫେଣ୍ଟି ହୋଇଗଲାଣି, ଯାହା ବାୟୁମଣ୍ଡଳକୁ ବିଷାକ୍ତ କରି ମୁଖ୍ୟ ଭୂମିକା ନିର୍ବାହ କରୁଛି । ଶୀତ, ଖରା, ବର୍ଷା ଚାରି ମାସ ହୋଇଥିଲେ ହେଁ ତାହା ସମ୍ପୂର୍ଣ୍ଣଭାବେ ପରିଚାଳିତ ହୋଇ ପାରୁନାହିଁ । ଏହାର ମୁଖ୍ୟକାରଣ ଜଙ୍ଗଲ କ୍ଷୟ ସହିତ ଉତ୍ତପ୍ତ ବାୟୁମଣ୍ଡଳ ଯାହା ପ୍ରକୃତିର ପରିଚାଳନାରେ ବାଧାସୃଷ୍ଟି କରୁଛି । ଆହୁରି ମଧ୍ୟ ଅଞ୍ଚଳରେ କାଗଜକଲମରେ ଚାରାରୋପଣ କରାଯାଉଛି । ସବୁଠୁ ଚିନ୍ତାର କଥା ହେଉଛି ପ୍ରଦୂଷଣ । ଏପରି ସମସ୍ୟା ଯୋଗୁଁ ଯଥାସମ୍ଭବ ଲୋକଙ୍କୁ ଘରେ ରହିବାକୁ ଡାକ୍ତରମାନେ ପରାମର୍ଶ ମଧ୍ଯ ଦେଉଛନ୍ତି । ବିଶେଷକରି ଶ୍ୱାସ ଜନିତ ସମସ୍ୟା ଉପୁଜୁଛି । ସ୍ଥିତି ଏଭଳି ହେଉଛି ଯେ ବିଭିନ୍ନ ସରକାରୀ ଘରୋଇ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବଢୁଛି । ଛାତି, ଚକ୍ଷୁ, ଗଳା, ଚର୍ମ ଓ ନାକଜନିତ ରୋଗ ପରିଲକ୍ଷିତ ହେଉଛି । ଏଥିସହ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି, ବାୟୁ ପ୍ରଦୂଷଣ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପକାଉଛି। ପ୍ରଦୂଷଣ ଯୋଗୁଁ ଛାତିରେ ସଂକ୍ରମଣ ହେଉଥିବାରୁ ବହୁ ରୋଗୀଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି । ବୟସ୍କ ଲୋକଙ୍କ ନିକଟରେ ପ୍ରଦୂଷଣ ପାଇଁ ହୃଦଘାତ ସମ୍ଭବନା ୧୦ଗୁଣ ବୃଦ୍ଧି ପାଉଛି । ଅଞ୍ଚଳରେ ବାୟୁମଣ୍ଡଳ ଦିନକୁ ଦିନ ବିଷ ପାଲଟୁଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ମଧ୍ୟ ହେଉଛି । ତେଣୁ ବେଳଥାଉଥାଉ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ଏହାର ନିରାକରଣ ହୋଇପାରିବ ବୋଲି ପ୍ରକୃତିପ୍ରେମୀ ଓ ପରିବେଶବିତ ମହଲରେ ଦାବି ହେଉଛି ।

# ଆଦି ଅନ୍ତ ମିଳୁନାହିଁ କୋଟିପତି ଦିବାକରର ଦୁର୍ନୀତିର ଚେର

ବାଲିଗୁଡା - କୋଟଗଡ଼ ବ୍ଲକ ଅନ୍ତର୍ଗତ କୋଟଗଡ଼ ପଞ୍ଚାୟତ ଦୁର୍ନୀତି ରେ ଉଠୁଛି ପଡୁଛି । ଆମେ ଧରାକୋଟ ପଞ୍ଚାୟତ କୁ ଦୁର୍ନୀତି ରେ ୧ ନଂମ୍ବର ବୋଲି ଚିନ୍ତା କରୁଥିଲୁ କିନ୍ତୁ କୋଟଗଡ଼ ପଞ୍ଚାୟତ ଏକ ପାଦ ଆଗକୁ ଯାଇ ପ୍ରଥମ ସ୍ଥାନରେ ପହଞ୍ଚିବା ସାଧାରଣ ରେ ଆଲୋଚନା ହେଉଛି । ୨୦୨୪/୨୦୨୫ ଆର୍ଥିକ ବର୍ଷରେ ଏ ଡି ଓ ଦିବାକର ନାୟକ ଏହି ଠାରେ କାର୍ଯ୍ୟ କରୁଥିଲେ । ପ୍ରାୟ ଦେଢ଼ ବର୍ଷ କାର୍ଯ୍ୟ କରି ଦୁର୍ନୀତି କୁ ଏକ ନମ୍ବର ରେ ପହଞ୍ଚେଇ ଥିବାରୁ ପଞ୍ଚାୟତ ବାସୀ ଧନ୍ୟବାଦ ଅର୍ପଣ କରୁଛନ୍ତି । ଏହି ୨୦୨୪/୨୦୨୫ ଆର୍ଥିକ ବର୍ଷରେ ସର୍ବାଧିକ କାର୍ଯ୍ୟ କୋଟଗଡ଼ ପଞ୍ଚାୟତ ର ହରିପୁର ଗ୍ରାମ ରେ ହୋଇଛି । ଏହି ହରିପୁର ଗ୍ରାମ ରେ ହୋଇଥିବା ବ୍ଲକ ର ପ୍ରକଳ୍ପ ଗୁଡ଼ିକ ସଂପୁର୍ଣ୍ଣ କାର୍ଯ୍ୟ ନ ହୋଇ ବିଲ୍ ହୋଇଛି ବୋଲି ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ଜେଇ, ଏଇ ମାନଙ୍କୁ ମୋଟା ଅଙ୍କର ଅର୍ଥ କାରବାର କରି ବିଲ୍ ପାସ୍ ହୋଇଥିବା ଅଭିଯୋଗ ହେଉଛି । ଏହି ସମୟର ଏ ଡି ଓ ଦିବାକର ନାୟକ କାର୍ଯ୍ୟ ଠିକ୍ ତଦାରଖ କରିବା କଥା କିନ୍ତୁ ନ କରି ପଞ୍ଚାୟତ ପି ଇ ଓ, ସରପଞ୍ଚ ଓ ଅନ୍ୟାନ୍ୟ ବ୍ଲକ ବାବୁ ମାନଙ୍କୁ ହାତର କରି କାର୍ଯ୍ୟ ସଂପୂର୍ଣ୍ଣ ନ କରି ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହେଉଛି । ପୁଣି ୨୦୨୫/୨୦୨୬ ଆର୍ଥିକ ବର୍ଷରେ ୨୨ ଗୋଟି ପ୍ରକଳ୍ପ ଆସି କାର୍ଯ୍ୟ ସରି ବିଲ୍ ମଧ୍ୟ ହୋଇଛି । ତାହାବି କେବଳ କୋଟଗଡ଼ ପଞ୍ଚାୟତ ର ହରିପୁର ଗ୍ରାମ କୁ । ଗୋଟିଏ ରେଭିନ୍ୟୁ ଭିଲେଜ କୁ କିପରି ଏତେ ପ୍ରକଳ୍ପ ଗଲା ପୁଣି ତାହା କାହା ସ୍ୱାର୍ଥରେ ପାଇଁ ଗଲା । ।ଏସବୁ ମହା ଦୁର୍ନୀତି ର ଗନ୍ଧ ବାରି ହେଉଥିବା ଅଭିଯୋଗ ହେଉଛି । ଏଣୁ ଏହା ଦୁର୍ନୀତି ବିଭାଗ ଦ୍ୱାରା ତଦନ୍ତ ସାପେକ୍ଷ । ଏହି ସମୟ କେତେ ପ୍ରକଳ୍ପ ଆସିଥିଲା କେତେ କାର୍ଯ୍ୟ ହୋଇଛି ଓ କି ପ୍ରକାର କାର୍ଯ୍ୟ ହୋଇଛି ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି କୋଟଗଡ଼ ପଞ୍ଚାୟତ ବାସୀ ।



# ମାଁ ବନଦୁର୍ଗା ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ

ବାଲିଗୁଡ଼ା, (ରା.ରି) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିକଟସ୍ଥ ବିରାଗୁଡା ଠାରେ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଠାରୁ ତିନି ଦିନ ଧରି ମାଁ ବନଦୁର୍ଗା ଦେବୀଙ୍କ ପ୍ରତିଷ୍ଠା କାର୍ଯ୍ୟ ବୈଦିକ ରୀତିରେ ଆରମ୍ଭ ହୋଇଛି । ପ୍ରଥମ ଦିନ ରେ ଦମଦେଇ ଓ ଆପ୍ରା ନଦୀ ର ସଙ୍ଗମ ସ୍ଥଳ ରୁ କଳସ ରେ ପବିତ୍ର ଜଳ ନେଇ କଳସ ଯାତ୍ରା ହୋଇଥିବା ବେଳେ, ଅଙ୍କୁରାରୋପଣ ଓ ଅଧିବାସ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପୂଜକ



ପ୍ରମୋଦ କୁମାର ମହାପାତ୍ର, ଜଗତସିଂପୁର ର ଜଗନ୍ନାଥ ପଣ୍ଡା, ଯାଜପୁର ପ୍ରକାଶ ପଣ୍ଡା ତିନି ପୂଜକ ପୁଜା କାର୍ଯ୍ୟ ରେ ନିୟୋଜିତ ରହିଥିବା ବେଳେ କର୍ତ୍ତା ଭାବରେ ସୁରେଶ ପଣ୍ଡା ଓ ଧର୍ମ ପତ୍ନି ମଧୁଲିକା ପଣ୍ଡା ରହିଛନ୍ତି । ମଙ୍ଗଳବାର ଠାରୁ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ରତ୍ନମୁଦ ଓ ମନ୍ଦିର ପ୍ରତିଷ୍ଠା ଓ ବୁଧବାର ଦିନ ଯମୁନା ଯାତ୍ରା, ମାଁ ଙ୍କ ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି ।

## ଆଦିବାସୀ ମହାବିଦ୍ୟାଳୟରେ +୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ



ବାଲିଗୁଡା, (ରା.ରି): କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ +୩ କଳା, ବିଜ୍ଞାନ ଓ ବାଣିଜ୍ୟ ସମ୍ମାନ ଶ୍ରେଣୀରେ ପ୍ରଥମ ପର୍ଯ୍ୟାୟ ନାମଲେଖା ବୁଧବାର ଠାରୁ ଆରମ୍ଭ ହୋଇଛି । ଅଧ୍ୟକ୍ଷ ଡ.ବିଭୂତି ଭୂଷଣ ଆଚାର୍ଯ୍ୟ ଙ୍କ ପ୍ରତ୍ୟ କ୍ଷ ତତ୍ତ୍ୱାବଧାନ ଓ ମାର୍ଗ ଦର୍ଶନରେ ସମ୍ପୂର୍ଣ୍ଣ ଆଡ଼ମିସନ ଟିମ୍ ଏହି କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରୁଛନ୍ତି । ସୂଚନା ଯୋଗ୍ୟ ଯେ, ଏହି ପୁରାତନ ମହାବିଦ୍ୟାଳୟଟି ୧ ୯ ୭ ୯ ମସିହା ଅଗଷ୍ଟ ୩୦ ତାରିଖ ରେ ପ୍ରତିଷ୍ଠିତ ହୋଇଥିବା ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଘରୋଇ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ବେଶ ପରିଚିତ ହୋଇ ପାରିଛି ।

### ବାଲିଗୁଡ଼ା ଏନଏସିରେ ହେଉଥିବା ବିଭିନ୍ନ ଦୁର୍ନୀତି ଘଟଣା

## ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଦୁଇ କାଉନ୍‌ସିଲର

ବାଲିଗୁଡା, ତା, ୨୪ ।୬ (ସଞ୍ଜୟ କୁମାର ପାଣିଗ୍ରାହୀ) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନଏସିରେ ହେଉଥିବା ଦୁର୍ନୀତି ଏବଂ ବିଭିନ୍ନ ଅଭିଯୋଗ କରି ସୋମବାର ଠାରୁ ଦୁଇ ଜଣ କାଉନ୍‌ସିଲର ଧାରଣାରେ ବସିଥିଲେ । ତିନି ଦିନ ଧରି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ, ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଓ ପୋଲିସ କର୍ତ୍ତୃପକ୍ଷ ବହୁ ବୁଝା ସୁଝା କରିବା ପରେ ମଧ୍ୟ ସେମାନେ ନିଜ ଜିଦରେ ଅଟଳ ରହିଥିଲେ । ଗାନ୍ଧୀ ଫୋଟ ଚିତ୍ରରେ ଫୁଲ ମାଳ ଦେଇ ପ୍ଲାଗ କାର୍ଡ ଧରି ୫ ଟି ପ୍ରମୁଖ ଅଭିଯୋଗ ଓ ୪ ଦାବୀ ର ଭିଜିଲାନ୍ସ ତଦନ୍ତ ସହ ସିଏଜି ତଦନ୍ତ କରିବା ପାଇଁ ଶାନ୍ତି ପୂର୍ଣ୍ଣ ଭାବରେ ଗଣତାନ୍ତ୍ରିକ ଉପାୟରେ ୧ନଂ. ୱାର୍ଡ଼ ର ଅଜୟ କୁମାର ନାୟକ ଓ ୧୩ ନଂ ୱାର୍ଡ ର ଆଲୋକ କୁମାର ନାୟକ ଏହି ଦୁଇଜଣ କାଉନସିଲର ଅନିର୍ଦ୍ଦିଷ୍ଟ କାଳ ପାଇଁ ଏନ ଏ ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିଥିଲେ। ବୁଧବାର ରାତ୍ର ପ୍ରାୟ ୮ ଘଣ୍ଟ ସମୟରେ ଉପ-ଜିଲାପାଳ ପ୍ରଣୀତା ଦାସ ଏବଂ ଏସଡିପିଓ ଶୁଭମ ଭୋସଲେ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ଧାରଣାରତ କାଉନସିଲର ଅଜୟ ଦିଗାଲ ଓ ଆଲୋକ ନାୟକଙ୍କୁ କାର୍ଯ୍ୟାଳୟ ପରିସରକୁ ଡାକି ତିନି ଘଣ୍ଟାରୁ ଅଧିକ ସମୟ ଧରି ରୁଦ୍ଧଦ୍ୱାର ବୈଠକ କରିଥିଲେ । ଏନଏସିର ଆୟବ୍ୟୟ ସହ ବିଭିନ୍ନ ଦାବୀ ଓ ଅଭିଯୋଗ ଗୁଡିକ ଭିଜିଲାନ୍ସ ତଦନ୍ତ ସହ ସିଏଜି ତଦନ୍ତ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ



ସେମାନେ ଧାରଣାରୁ ହଟିଥିଲେ । ଏହି ରୁଦ୍ଧ ଦ୍ୱାର ବୈଠକରେ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଳମ୍ବିତ ମୌସୁମୀ, ଢେଙ୍କାନାଳ ଜିଲ୍ଲାରେ ଆଗେଇ ପାରୁନି ଚାଷ କାର୍ଯ୍ୟ

ଢ଼େଙ୍କାନାଳ (ରା.ରି): ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଖରିଫ ଚାଷ ଉପରେ ଜଳବାୟୁ ପରିବର୍ତ୍ତନର ଜିଲ୍ଲାରେ ଦୀର୍ଘ ଦିନ ଧରି ଓଡ଼ିଶାର ବୃଷ୍ଟି ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଆସିଛି । ବିଶେଷ କରି ଖରିଫ ଋତୁରେ ଏଠାରେ ବହୁଳ ପରିମାଣରେ ଧାନ ଚାଷ ହେଉଛି । କୃଷି ବୃଷ୍ଟିକୋଣରୁ ଏହି ଜିଲ୍ଲାକୁ କେହି କେହିଁ ଅନ୍ନଭଣ୍ଡାର ବୋଲି ମଧ୍ୟ କହନ୍ତି । କିନ୍ତୁ ଗତ କିଛି ବର୍ଷ ଧରି ବଦଳୁଥିବା ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏହି ପାରମ୍ପରିକ କୃଷି ବ୍ୟବସ୍ଥା ପ୍ରଭାବିତ କରିଛି । ଖରିଫ ଚାଷ ଆରମ୍ଭ ହେବାର ସମୟ ଧୀରେ ଧୀରେ ପଛକୁ ଘୁଞ୍ଚୁଥିବା ବେଳେ ଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଓ ଚିନ୍ତା ବଢ଼ିବାରେ ଲାଗିଛି । ପୂର୍ବରୁ ଅକ୍ଷୟ ତୃତୀୟା ପରେ ପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଧାନ ବୁଣା କାମ ଆରମ୍ଭ ହେଉଥିଲା ଚାଷୀମାନେ ଧାନ ବିହନ ବୁଣୁଥିଲେ । କିଛି ସପ୍ତାହ ପରେ ମୌସୁମୀ ବର୍ଷାର ଆଗମନ ସହ ଜିଲ୍ଲାରେ ଧାନ ରୁଆ ହେଉଥିଲା । ବାପା- ଜେଜେଙ୍କ ଅମଳରୁ ଚଳି ଆସୁଥିବା ଏହି ପାରମ୍ପରିକ କୃଷି କ୍ୟାଲେଣ୍ଡର ପ୍ରାୟ ଅପରିବର୍ତ୍ତିତ ଥିଲା । କିନ୍ତୁ ଏବେ ପରିସ୍ଥିତି ବଦଳିଯାଇଛି । ମୌସୁମୀ ଦର୍ଶାଇ ଆଗମନରେ ବିଳମ୍ବ ଓ ବର୍ଷାର ଅନିୟମିତତା ଚାଷୀଙ୍କ ଯୋଜନାକୁ ବିପର୍ଯ୍ୟସ୍ତ କରିଛି । ଚଳିତ ବର୍ଷ ମଧ୍ୟ ମୌସୁମୀ ବର୍ଷା ବିଳମ୍ବିତ ହେବାର ଆଭାସ ମିଳୁଛି । ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ସାଧାରଣତଃ ରଜ ପର୍ବ ସମୟରେ ଜିଲ୍ଲାରେ ବର୍ଷାକୁ ଲକ୍ଷ୍ୟ କରି ଚାଷୀମାନେ ଧାନ ବୁଣିବା କାମରେ ବ୍ୟସ୍ତ ରହନ୍ତି । ହେଲେ ଏବେ ବର୍ଷାର କୌଣସି ନିଶ୍ଚିତତା ନଥିବାରୁ ଅନେକ ଚାଷୀ ଧାନ ବୁଣା ଆରମ୍ଭ କରିବେ ନି ନାହିଁ ସେନେଇ ଦ୍ୱନ୍ଦରେ ରହିଛନ୍ତି । ଉଚିତ ସମୟରେ ବର୍ଷା ନ ହେଲେ ଧାନତଳି ନଷ୍ଟ ହେବା ସହ ଧାନରୁଆ ମଧ୍ୟ ବିଳମ୍ବିତ ହେବ । ଏହାର



ପ୍ରଭାବ ଅମଳ ଉପରେ ପଡ଼ିବ । ଢ଼େଙ୍କାନାଳ ଜିଲ୍ଲାର ଖରିଫ ଋତୁରେ ହଜାରେ ଏକ, ହଜାରେ ନଅ, ଶ୍ୟାମ ମାଣ୍ଡୁରୀ, ସନ, ସ୍ୱର୍ଣ୍ଣ ମସୁରୀ ଭଳି ବିଭିନ୍ନ କିସମର ଧାନ ଚାଷ କରାଯାଏ । ଏହି ଧାନ ପ୍ରଜାତିଗୁଡିକ ସମୟାନୁକୂଳ ବର୍ଷା ଉପରେ ଅଧିକ ନିର୍ଭରଶୀଳ ବର୍ଷା ବିଳମ୍ବିତ ହେଲେ ଚାରାର ବୃଦ୍ଧି ଓ ଉତ୍ପାଦନ ଉଭୟ ପ୍ରଭାବିତ ହୋଇଥାଏ । ଏଥିପାଇଁ ଚାଷୀମାନେ ବର୍ଷାର ପ୍ରତୀକ୍ଷାରେ ରହିଥିବା ବେଳେ ଜଳବାୟୁର ଅନିଶ୍ଚିତତା ସେମାନଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଛି । କୃଷି ବିଶେଷଜ୍ଞଙ୍କ ମତରେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାର ପ୍ରକୃତିରେ ବଡ଼ ଧରଣର ପରିବର୍ତ୍ତନ ଆସିଛି । ପୂର୍ବରୁ ନିର୍ଦ୍ଦିଷ୍ଟ ସମୟରେ ଏବଂ ସମାନ ଭାବେ ବର୍ଷା ହେଉଥିଲା । ଏବେ କେତେବେଳେ ଅତ୍ୟଧିକ ବର୍ଷା ହେଉଛି ତ ଆଉ କେତେବେଳେ ଦୀର୍ଘ ସମୟ ଧରି ବର୍ଷା ହେଉନି । ଏହି ଅସ୍ୱାଭାବିକ ପାଣିପାଗ ବୃଷିକୁ ଅଧିକ ବିପଦଗାମୀ କରିଦେଇଛି । ତେଣୁ ଚାଷୀମାନେ ଜଳ ସଂରକ୍ଷଣ, ବିକଳ୍ପ ଫସଲ ଓ ଖରା ସହନଶୀଳ ଧାନ ପ୍ରଜାତି ଉପରେ ଗୁରୁତ୍ୱ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି । ଅନ୍ୟପଟେ ଗତ କିଛି ବର୍ଷ ହେବ ଜିଲ୍ଲାରେ ଧାନ ସହ ତୈଳବୀଜ ଚାଷର କ୍ଷେତ୍ରଫଳ ମଧ୍ୟ କମିବାରେ ଲାଗିଛି । ଜଳସେଚନର ବ୍ୟବସ୍ଥା ନଥିବା ଚାଷ ଖର୍ଚ୍ଚ ବୃଦ୍ଧି, ଶ୍ରମିକ ଅଭାବ ଏବଂ ଅନିଶ୍ଚିତ ପାଣିପାଗ ଏଥିପାଇଁ ପ୍ରମୁଖ କାରଣ ବୋଲି କୁହାଯାଉଛି । ଏହା ସହ ବର୍ଷା ନ ହେଲେ ଜିଲ୍ଲାର ବିଭିନ୍ନ; ଜଳସେଚନ ପ୍ରକଳ୍ପ ଓ ଡ୍ୟାମ ଗୁଡ଼ିକରେ ଜଳ ସଂରକ୍ଷଣ ମଧ୍ୟ ପ୍ରଭାବିତ ହେବ । ଫଳରେ କେବଳ ଖରିଫ ନୁହେଁ, ରବି ଚାଷ ମଧ୍ୟ ସଙ୍କଟରେ ପଡ଼ିପାରେ । ଢ଼େଙ୍କାନାଳ ଜିଲ୍ଲାର ଅର୍ଥନୀତିର ମୂଳ ଆଧାର କୃଷି । ହଜାର ହଜାର ପରିବାର ସିଧାସଳଖ ଭାବେ ଏହା ଉପରେ ନିର୍ଭର କରୁଛନ୍ତି । ତେଣୁ ସମୟୋପଯୋଗୀ ବର୍ଷା ଓ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଚାଷୀଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ମୌସୁମୀ ବର୍ଷାର ବିଳମ୍ବ ଯଦି ଦୀର୍ଘସ୍ଥାୟୀ ହୁଏ, ତେବେ ଏହା କେବଳ ଚାଷୀଙ୍କ ଜୀବିକା ନୁହେଁ, ଜିଲ୍ଲାର ଖାଦ୍ୟ ଉତ୍ପାଦନ ବ୍ୟବସ୍ଥା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇପାରେ । ଏବେ ସମସ୍ତଙ୍କ ନଜର ଆକାଶ ଉପରେ । ଚାଷୀ ଆଶା କରୁଛି, ଠିକ୍ ସମୟରେ ବର୍ଷା ଆସିବ ଏବଂ ଢ଼େଙ୍କାନାଳ ଜିଲ୍ଲାର ସବୁଜ ଧାନ କ୍ଷେତ ପୁଣିଥରେ ସମୃଦ୍ଧିର କାହାଣୀ ଲେଖିବ ।

# "ବିକାଶ ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ଆୟୋଜିତ : ୭୨ ଜଣଙ୍କୁ ସମ୍ମାନିତ

ବାଲିଗୁଡା(ରା.ରି): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଠାରେ ରାଜ୍ୟ ସରକାର ଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ "ବିକାଶ ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ସ୍ଥାନୀୟ ପଞ୍ଚାୟତ ସମିତି ପରିସରରେ ବିଡିଓ ଅକ୍ଷୟ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମକରେ ଅତିଥି ମାନଙ୍କ ମଧ୍ୟରେ ବିଜେପି ନେତ୍ରୀ ଶ୍ରୀମତୀ କଳ୍ପନା କହଁର , ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ବାଲିଗୁଡା ବିଜେପି ମଣ୍ଡଳ ସଭାପତି ମନୋଜ କୁମାର ରଥ, ଆଦିକନ୍ଦ ପଟ୍ଟନାୟକ, ବାଲିଗୁଡା ଏସଟି ମୋର୍ଚ୍ଚା ସଭାପତି ଲକ୍ଷ୍ମୀ ନାରାୟଣ ମଲ୍ଲିକ ପ୍ରମୁଖ ଅତିଥି ମାନେ ଯୋଗ ଦେଇ ବିଭିନ୍ନ ଅନୁସୂଚିତ ଜନଜାତି (ଏସଟି) ଏବଂ ଅନୁସୂଚିତ ଜାତି (ଏସସି) ସମ୍ପ୍ରଦାୟର ମୋଟ ୩୨୭ ଜଣ ଅଂଶ ଗ୍ରହଣକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପାରସ୍ପରିକ କ୍ରିୟା, ସଚେତନତା ସୃଷ୍ଟି ଏବଂ ସାମୁଦାୟିକ




ସଶକ୍ତିକରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା । ଏଥିରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ଏସଟି ଏବଂ ଏସସି ସମ୍ପ୍ରଦାୟର ୭୨ ଜଣ ଉତ୍କୃଷ୍ଟ କୃତିତ୍ୱ ଯାହାକି,କଳା ଓ ସଂସ୍କୃତି, ସମାଜସେବା, ଶିକ୍ଷା ଏବଂ ମହିଳା ଉଦ୍ୟୋଗ କ୍ଷେତ୍ରରେ ସେମାନଙ୍କର ଅସାଧାରଣ ଅବଦାନ ଏବଂ ସଫଳତା ପାଇଁ ଏହି ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବାଲିଗୁଡା ଡବ୍ଲୁ ଇ ଓ ଦୀପକ କନୱାର, ଜି ପି ଇ ଓ ଅମରେଶ ରଥ ଙ୍କ ସକ୍ରିୟ ସହଯୋଗ ରେ ଆୟୋଜିତ ହୋଇଥିଲା । ଏହି ଅବସରରେ, ସମ୍ମାନିତ ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ ବିକାଶ, ସାମାଜିକ ସଶକ୍ତିକରଣ, ଆଦିବାସୀ ସଂସ୍କୃତିର ସଂରକ୍ଷଣ, ଶିକ୍ଷାଗତ ଉନ୍ନତି ଏବଂ ଅବହେଳିତ ସମ୍ପ୍ରଦାୟ ମଧ୍ୟରେ ଉଦ୍ୟୋଗୀତା କୁ ପ୍ରୋତ୍ସାହନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେମାନେ ଜନ ଜାତି ସମ୍ବାଦ ବୈଠକ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ବିକାଶ ପଦକ୍ଷେପ ଗୁଡ଼ିକୁ ଲୋକଙ୍କ ନିକଟତର କରିବାରେ ଓଡ଼ିଶା ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ।

# ବାଲିଗୁଡାରେ ରଥଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ବାଲିଗୁଡା(ରା.ରି): କନ୍ଧମାଳ ଜିଲ୍ଲା ବାଲିଗୁଡା ସହରରେ ଆଗାମୀ ରଥଯାତ୍ରା ପାଳନ ନିମନ୍ତେ ଉପଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଣୀତା ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳା ର ସହିତ ରଥଯାତ୍ରା ପାଳନ ହେବ ସେ ସମ୍ପର୍କ ରେ ଆଲୋଚନା ହୋଇଥିଲା । ଏଥିରେ ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭମ ଭୋସଲେ, ତହସିଲଦାର ଦିପ୍ତି ପ୍ରକାଶ ବେହେରା, ଏନଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ ଙ୍କ ସମେତ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟି ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଗୁଣ୍ଡିଚା ରଥଯାତ୍ରା, ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହେବା ସହ ରଥଯାତ୍ରା ସମୟ ରେ ସହର ରେ ଟ୍ରାଫିକ ବ୍ୟବସ୍ଥା, ସ୍ୱଚ୍ଛତା ଓ ପରିମଳ, ପାନୀୟ ଜଳ , ଫାଷ୍ଟ ଏଡ଼ ବ୍ୟବସ୍ଥା, ବାଇପାସ ରାସ୍ତା ବ୍ୟବସ୍ଥା, ସମେତ ତିନିରଥ ରେ ସୁରକ୍ଷା ପାଇଁ ବୈଠକ ରେ ଆଲୋଚନା ହୋଇଛି | ଏହି ବୈଠକରେ ସହର ର ବୁଦ୍ଧିଜୀବୀ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟି ସମେତ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ |

# ଅର୍ଥ ଆତ୍ମସାତ ମାମଲା ରେ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଗିରଫ

ବାଲିଗୁଡା(ରା.ରି): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଥାନା ଗାର୍ଡିଙ୍ଗିଆ ଶାଖା ଡାକଘର ରେ ଏକ ବଡ଼ଧରଣର ଆର୍ଥିକ ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ ମାମଲା ସାମ୍ନାକୁ ଆସିଛି । ଗ୍ରାହକଙ୍କ ସଞ୍ଚୟ ଖାତା ଟଙ୍କା ହଡ଼ପ କରିବା ସହ ଅଫିସ୍ ନଗଦ ଅର୍ଥ ନେଇ ଫେରାର ଥିବା ଅଭିଯୋଗରେ ଟିକାବାଲି ପୋଲିସ ବ୍ରାଞ୍ଚ ପୋଷ୍ଟ ମାଷ୍ଟରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଡାକପାଲା ଗ୍ରାମର ଗିରୀଶ ଚନ୍ଦ୍ର ଦିଗାଲ (୩୯) । ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତ ଗିରୀଶ ଚନ୍ଦ୍ର ଦିଗାଲ ୨୦୧୪ ମସିହାରୁ ପାବୁରିଆ ସବ୍-ପୋଷ୍ଟ ଅଫିସ୍ ଅଧୀନରେ ଥିବା ଗାର୍ଡିଙ୍ଗିଆ ଶାଖା ଡାକଘରର ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରି ଆସୁଥିଲେ । ଗତ ଜୁନ୍ ୧୫ ତାରିଖ ଅପରାହ୍ନ ୨ ଟାରେ ସେ ହଠାତ୍ ପୋଷ୍ଟ ଅଫିସରେ ତାଲା ପକାଇ କେଉଁଆଡ଼େ ଚାଲି ଯାଇଥିଲେ । ସେହିଦିନର କ୍ଲୋଜିଂ ବାଲାନ୍ସ ବାବଦ ପ୍ରାୟ ୬୪, ୧୫୪ ଟଙ୍କା ଏବଂ କାର୍ଯ୍ୟାଳୟର ସରକାରୀ ମୋବାଇଲ୍ ଟ୍ୟାବ୍ କୁ ସେ ପାବୁରିଆ ମୁଖ୍ୟ କାର୍ଯ୍ୟାଳୟରେ ଜମା ନକରି ନିଜ ସହିତ ନେଇ ପଳାଇଥିଲେ । ଏହାପରେ



ସେ ଆଉ କାର୍ଯ୍ୟାଳୟକୁ ଆସିନଥିଲେ । ସନ୍ଦେହ ହେବାରୁ ଜି.ଉଦୟଗିରି ଡାକ ସବ୍‌ଡିଭିଜନର ଇନ୍ସପେକ୍ଟର ବିର କିଶୋର ନାୟକଙ୍କ ଦ୍ୱାରା ଉକ୍ତ ଡାକଘରର କାଗଜପତ୍ର ଓ ଆକାଉଣ୍ଟ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ଜୁନ୍ ୧୬, ୧୭ ଏବଂ ୧୮ ତାରିଖ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥ ବିଭିନ୍ନ ବ୍ୟକ୍ତିଗତ ଆକାଉଣ୍ଟକୁ ବେଆଇନ ଭାବେ ଟ୍ରାନ୍ସଫର କରାଯାଇଥିବା ଜଣାପଡ଼ିଥିଲା । ଏଥି ସହିତ ସ୍ଥାନୀୟ ଗ୍ରାହକ ମାନଙ୍କ ପାସ୍‌ବୁକ୍ ଯାଞ୍ଚ କରିବା ପରେ ଏକ ସଂଗୀନ ଠକେଇର ପର୍ଦ୍ଦାଫାଶ ହୋଇଛି । ଅଭିଯୁକ୍ତ ପୋଷ୍ଟ ମାଷ୍ଟର ଜଣକ ଦୀର୍ଘ ଦିନ ଧରି ଗ୍ରାହକଙ୍କ ସଞ୍ଚୟ ଖାତାରେ ଟଙ୍କା ଜମା ହୋଇଥିବା ନେଇ ପାସ୍‌ବୁକ୍‌ରେ ଏଣ୍ଟ୍ରି କରୁଥିଲେ ସତ, କିନ୍ତୁ ସେହି ଟଙ୍କାକୁ ଅଫିସିଆଲ୍ ଆକାଉଣ୍ଟରେ ଜମା ନକରି ନିଜେ ଆତ୍ମସାତ କରୁଥିଲେ । ଏହି ବ୍ୟାପକ ଆର୍ଥିକ ଅନିୟମିତତା ନେଇ ଡାକ ପରିଦର୍ଶକ ଶ୍ରୀ ନାୟକ ଟିକାବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନଂ. ୧୩୬/୨୬, ଧାରା ୩୧୬ (୪) ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ସହ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପୋଲିସ ।

# ନିଖିଳ ଓଡ଼ିଶା ବ୍ରାହ୍ମଣ ମହାସଭାର ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ

ଭୁବନେଶ୍ୱର: ନିଖିଳ ଓଡ଼ିଶା ବ୍ରାହ୍ମଣ ମହାସଭା ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି ।

ଭୁବନେଶ୍ୱରଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟ, ଭୁବନେଶ୍ୱର ପୌରନିଗମର ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକରେ ସଂଗଠନକୁ ସୁଦୃଢ଼ କରବାକୁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ନିଷ୍ପତ୍ତି ନିଆଯାଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ ସାମୂହିକ ବ୍ରତୋପନୟନ, ଯଜ୍ଞ, ସମାଜର ଜଣାଶୁଣା ବ୍ୟକ୍ତିଙ୍କୁ ସମ୍ମାନ, ପ୍ରତ୍ୟେକ ଦିନ ରାତି ୯ଟାରୁ ସାଢ଼େ ୯ଟା ମଧ୍ୟରେ କର୍ମକାଣ୍ଡ ଶିକ୍ଷା, ଶ୍ରୀମଦ୍ ଭଗବତ୍ ଗୀତା ଆବୃତ୍ତି ଶିକ୍ଷା ପ୍ରଦାନ କରାଯିବ ।

ରାଜ୍ୟ ସାଧାରଣ ସମ୍ପାଦକ ବ୍ରହ୍ମଚାରୀ ଶ୍ରୀହରିଚରଣ ଦାଶଜୀ ମହାରାଜ ବୈଠକର ସଂଯୋଜନା କରିଥିଲେ । ବରିଷ୍ଠ ରାଜ୍ୟ ମୁଖପାତ୍ର ଡ ନଗେନ୍ଦ୍ର ନାଥ ମିଶ୍ର ବୈଠକର ଅଧ୍ୟକ୍ଷତା କରିଥିଲେ । ସଂଗଠନର ରାଜ୍ୟ ଆଇନ ଉପଦେଷ୍ଟା ଆଇନଜୀବୀ ଲକ୍ଷ୍ମୀନାରାୟଣ ପାଢ଼ୀ, ରାଜ୍ୟ କୋଷାଧ୍ୟକ୍ଷ ନୃସିଂହ ମହାପାତ୍ର, ମହିଳା ଶାଖା ରାଜ୍ୟ ସଚିବ ଉଷନ୍ତିଲତା ହୋତା, ଯୁବ ଶାଖାର ଯୁଗ୍ମ ସଚିବ ଅଭିଜିତ ଶତପଥୀ, ସମ୍ମାନିତ ଅତିଥି ପ୍ରଫେସର ପଦ୍ମନାଭ ତ୍ରିପାଠୀ, ଆଇନଜୀବୀ ବିଜୟଶଙ୍କର ତ୍ରିପାଠୀ, ସୁଜାତା ମିଶ୍ର, ସୁଦେଷ୍ଣା ଦାଶ, ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର, ଗାୟତ୍ରୀ ପାଣି ପ୍ରମୁଖ ନିଜର ମତାମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ସନାତନ ହିନ୍ଦୁଧର୍ମର ମୌଳିକତା ରକ୍ଷା କରିବା ଓ ଏହାର ପ୍ରଚାରପ୍ରସାର କରିବା ନିମନ୍ତେ ସମସ୍ତ ଉପସ୍ଥିତ ସଦସ୍ୟ ଶପଥ ନେଇଥିଲେ ।



# ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କୁ ମିଳିବ ଗୁରୁତ୍ୱ: ମନ୍ତ୍ରୀ

ବାରିପଦା: ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କୁ ଗୁରୁତ୍ୱ ମିଳିବ । ସେମାନଙ୍କ ଋଣ ପ୍ରଦାନ ବ୍ୟବସ୍ଥାକୁ ସୁଗମ କରାଯିବ ଏବଂ ଉଦ୍ୟୋଗ ସ୍ଥିତି ସମ୍ପର୍କରେ ସଚେତନତା ମଧ୍ୟ କରାଯିବ ବୋଲି ଆନ୍ତର୍ଜାତୀୟ ବିଶ୍ୱ ଏମଏସଏମଇ ଦିବସ ଅବସରରେ, ବାରିପଦାସ୍ଥିତ ଐତିହାସିକ ଶ୍ରୀରାମ ଚନ୍ଦ୍ର ପାଠାଗାରଠାରେ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସଏମଇ କାର୍ଯ୍ୟକ୍ରମ' ଅଧୀନରେ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।

ଶନିବାର 'ଉଦ୍ୟୋଗୀ ସଚେତନତା ଏବଂ ଋଣ ସୁବିଧା' ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଅଞ୍ଚଳର ନୂତନ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ବ୍ୟବସାୟୀମାନେ ଯୋଗ ଦେଇଥିଲେ । ଏଥିରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME) କ୍ଷେତ୍ର ପାଇଁ ଏକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ ବ୍ୟବସ୍ଥା ଗଠନ କରିବା ନେଇ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଆର୍ଥିକ ସାକ୍ଷରତାର ପ୍ରସାର ଏବଂ ସଂସ୍ଥାଗତ ଋଣ ପ୍ରକ୍ରିୟାକୁ ସହଜ କରିବା ଦ୍ୱାରା ମୟୂରଭଞ୍ଜର ବିପୁଳ ତଥା ଅପ୍ରକାଶିତ ଉଦ୍ୟୋଗୀ ପ୍ରତିଭାକୁ ସାମ୍ନାକୁ ଅଣାଯାଇପାରିବ ।




ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଋଣ ଉପଲବ୍ଧତା ଏବଂ ତୃଣମୂଳ ସ୍ତରର ନବୋନ୍ମେଷ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଉପରେ ଆମେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରୀଭୂତ କରୁଛୁ," ବୋଲି ଡ. ମହାପାତ୍ର କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଋଣ ଯୋଜନା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ନୀତି ଏବଂ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ବିପଦମୁକ୍ତ କରିବା ପାଇଁ ପ୍ରସ୍ତୁତ ରିହାତି ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ବରିଷ୍ଠ ଅଧିକାରୀ, ବ୍ୟାଙ୍କ ପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନିକ ସଂସ୍ଥାର ଅଧିକାରୀମାନେ ଯୋଗଦେଇ ଉପସ୍ଥିତ ବ୍ୟକ୍ତିମାନଙ୍କୁ ତୁରନ୍ତ ପଞ୍ଜୀକରଣ ଏବଂ ସହଜ ଋଣ ମଞ୍ଜୁରୀ ପ୍ରକ୍ରିୟା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ ।

# ବାଲିଗୁଡା ରେ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ



ବାଲିଗୁଡା(ରା.ରି):: କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳନ ହୋଇଯାଇଛି । ଏଥିରେ ସଂଘ ର କାଳିନ୍ଦୀ ଚରଣ ପଣ୍ଡା ଓ ଅନନ୍ତ କୁମାର ଦାସ ଙ୍କ ସମେତ ଜିଲ୍ଲା ପ୍ରଚାରକ,ସହ ବିଭାଗ ପ୍ରଚାରକ, ଖଣ୍ଡ ବ୍ୟବସ୍ଥା ପ୍ରମୁଖ, ଖଣ୍ଡ ବୌଦ୍ଧିକ ପ୍ରମୁଖ ଓ ଖଣ୍ଡ କାର୍ଯ୍ୟ କର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଶିବାଜୀଙ୍କ ରାଜ୍ୟାଭିଷେକର ବାର୍ଷିକୀକୁ ଆର ଏସ ଏସ 'ହିନ୍ଦୁ ସାମ୍ରାଜ୍ୟ ଦିବସ' ଭାବରେ ପାଳନ କରାଯାଏ । ୩୫୦ ବର୍ଷ ପୂର୍ବେ ଛତ୍ରପତି ଶିବାଜୀ ମହାରାଜଙ୍କ ଶବଦାହକୁ ସ୍ମରଣ କରି, ବିଦେଶୀ ଶାସନ ମଧ୍ୟରେ ହିନ୍ଦୁ ଗର୍ବ ଏବଂ ଆତ୍ମ ଶାସନକୁ ପୁନର୍ଜୀବିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ପାଳନ କରିଥିଲେ ବୋଲି ନିଜ ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ ।

# ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କା: ବାଇକ ଚାଳକଙ୍କ ମୃତ୍ୟୁ

ବାଲିଗୁଡା(ରା.ରି): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଥାନା ପାଙ୍ଗାଲି ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ପୋଷ୍ଟାଲ କାର୍ଯ୍ୟାଳୟରେ ବ୍ୟବହାର ହେଉଥିବା ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୋଲିସ ପରିଚୟ ଖୋଜୁଥିବା ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି । ଦୁର୍ଘଟଣା ଘଟାଇଥିବା ଭ୍ୟାନଟି ପୋଷ୍ଟାଲର ଡ଼େଲିଭେରୀ ଭ୍ୟାନ ବୋଲି ପୋଲିସ ସୂଚନା ଦେଇଛନ୍ତି । ପ୍ରକାଶ ଯେ ଫୁଲବାଣୀରୁ ଡାକ ନେଇ ଭ୍ୟାନ ନଂ (ଓଡି୧୨ଏଫ୍-୩୪୧୬) ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଭିମୁଖେ ଯାଉଥିବା ବେଳେ ଜଣେ ବାଇକ ଆରୋହୀ ବାଇକ ନଂ (ଓଆର ୦୭ ଏଜେ-୬୮୩୭)ରେ ବ୍ରାହ୍ମଣୀଗାଁ ପଟରୁ ଦାରିଙ୍ଗବାଡି ଯାଉଥିଲେ । ଦାରିଙ୍ଗବାଡି ପହଞ୍ଚିବାକୁ ମାତ୍ର ଆଉ ୫ କିମି ରହିଥିବା ବେଳେ ପାଙ୍ଗାଲି ନିକଟରେ ବାଇକଟି ଭ୍ୟାନ ସହ ମୁହାଁମୁହିଁ ଧକ୍କା ହେବା ସହ କିଛି ଦୂର ବାଇକ ସହ ଚାଳକଙ୍କୁ ଘୋଷାଡ଼ି ନେଇଥିଲା । ଏହା କୌଣସି ସୂତ୍ରରୁ ପୋଲିସ କୁ ଖବର ଦେବାପରେ ଖବର ପାଇ ଦାରିଙ୍ଗବାଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବାଇକ ଚାଳକଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ, ହେଲେ ସେଠାରେ ଡାକ୍ତର ବାଇକ ଚାଳକଙ୍କୁ ମୃତ ଘୋଷଣା କରିଥିଲେ । ବାଇକ ଓ ଭ୍ୟାନକୁ ପୋଲିସ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# କାଳିମେଳାରୁ ମାଟି ତଳୁ ମାଓ ଡମ୍ପ ଠାବ, ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ମାଓ ସାମଗ୍ରୀ ଜବତ

ମାଲକାନଗିରି(ରା.ରି): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅଧୀନ ଗୁଣ୍ଡାବେଡା ଜଙ୍ଗଲରେ କୁମ୍ବିଂ ଅପରେସନ୍ ବେଳେ ସୁରକ୍ଷା କର୍ମୀଙ୍କ ବଡ଼ ସଫଳତା ମିଳିଛି । ଘଟଣାସ୍ଥଳରୁ ବିଦେଶୀ ପିସ୍ତଲ, ଏସ୍‌ଏଲ୍‌ଆର୍, ରିଭଲଭର, ଆଇଇଡି ଓ ବିପୁଳ ମାଓ ସାମଗ୍ରୀ ଜବତ କରାଯାଇଛି । ମାଲକାନଗିରି ଜିଲ୍ଲାର କାଳିମେଳା ଥାନା ଅଧୀନ ଗୁଣ୍ଡାବେଡା ଜଙ୍ଗଲରେ ଚାଲିଥିବା କୁମ୍ବିଂ ଅପରେସନ୍ ବେଳେ ଡିଭିଏଫ ଯବାନମାନେ ମାଟି ତଳେ ପୋତାଯାଇଥିବା ଏକ ମାଓ ଡମ୍ପକୁ ଠାବ କରିଛନ୍ତି । ଏହି ଡମ୍ପରୁ ଏକ ୟୁଏସ୍ ନିର୍ମିତ ପିସ୍ତଲ, ୨ଟି ଏସ୍‌ଏଲ୍‌ଆର୍, ୨ଟି ରିଭଲଭର, ୨ଟି ଆଇଇଡି, ୪ଟି ୟୁବିଜିଏଲ୍, ୱାକି-ଟକି ସମେତ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି । ପ୍ରାଥମିକ ସୂଚନା ଅନୁସାରେ, ମାଓବାଦୀମାନେ ଭବିଷ୍ୟତରେ ବଡ଼ ଧରଣର ହିଂସାକାଣ୍ଡ ଘଟାଇବା ପାଇଁ ଏହି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀକୁ ଜଙ୍ଗଲ ଭିତରେ ମାଟି ତଳେ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି । ଠିକ୍ ସମୟରେ ଏହା ଜବତ ହେବାରୁ ମାଓବାଦୀଙ୍କ ଏକ ବଡ଼ ଯୋଜନା ବିଫଳ ହୋଇଥିବା ସୁରକ୍ଷା ଅଧିକାରୀମାନେ କହିଛନ୍ତି ।



# ମଦଦୋକାନ ଭଙ୍ଗା ରୁଜା ଘଟଣା: ମହିଳାଙ୍କ ଠେଙ୍ଗା ଦେଖି ମାମଲା ପ୍ରତ୍ୟାହାର କଲା ପୁଲିସ




ମୈଦଲପୁର(ରା.ରି): କିଛି ଦିନ ପୂର୍ବେ ମଦ ବିରୋଧରେ ମୈଦୋଲପୁର ଅଞ୍ଚଳର ଶତାଧିକ ମହିଳା ଥାନା ଘେରାଉ କରିବା ସହ ମଦ ଦୋକାନ ଭାଙ୍ଗିଥିଲେ । ଏହି ଘଟଣାରେ ଅବକାରୀ ବିଭାଗ ଓ ସମ୍ପୃକ୍ତ ମଦଦୋକାନ ମାଲିକଙ୍କ ଅଭିଯୋଗ ଭିତ୍ତିରେ ପୁଲିସ ମାମଲା ରୁଜୁ କରି ମହିଳାଙ୍କ ବିରୋଧରେ ନୋଟିସ୍ ଜାରି କରିଥିଲେ । ଏହାକୁ ନେଇ ପୁଣିଥରେ ଅଞ୍ଚଳରେ ତମ୍ବିତୁଫାନ ଉଠିଛି । ମହିଳାମାନେ ହାତରେ ଠେଙ୍ଗାବାଡ଼ି ଧରି ଥାନା ଘେରାଉ କରି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ମହିଳାଙ୍କ ବିରୋଧ ପରେ ପୁଲିସ ପ୍ରଦାନ କରିଥିବା ନୋଟିସ୍ ପ୍ରତ୍ୟାହାର କରିଛନ୍ତି । ମଦ ଦୋକାନ ଭଙ୍ଗାରୁଜା ଘଟଣାରେ ପୁଲିସ ଘର ଘର ବୁଲି ବାଣ୍ଟିଥିବା ନୋଟିସ ବର୍ତ୍ତମାନ ଖାରଜ ହୋଇଯାଇଛି । ପ୍ରକାଶ ଥାଉ କି, ଚଳିତ ମାସ ୧୯ ତାରିଖ ଦିନ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ଜିଲ୍ଲା ପରିଷଦ ସଭ୍ୟା ଡ଼. ଲିପିକା ମାଝୀ ଙ୍କ ନେତୃତ୍ୱ ରେ ମୈଦଲପୁର ଓ ଏହାର ଆଖ ପାଖ ଅଂଚଳ ରୁ ହଜାର ହଜାର ମହିଳା ଏକାଠି ହୋଇ ମୈଦଲପୁର ସ୍ଥିତ ଠିପି ବନ୍ଦ ମଦ ଦୋକାନ ଓ ଦେଶୀ ଭାଟି ଭାଙ୍ଗି ମଦ ବୋତଲ ଭାଙ୍ଗିବା ସହ ଆସବା ପତ୍ର ରେ ନିଆଁ ଲଗାଇଥିଲେ । ଏ ନେଇ ମଦ ମାଲିକ ମୈଦଲପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଫୋଟ ଓ ଭିଡ଼ିଓ ମାଧ୍ୟମ ରେ ପୋଲିସ କିଛି ଜଣଙ୍କୁ ଚିହ୍ନଟ କରି ନୋଟିସ କରିଥିଲା । ଏହାର ପ୍ରତିବାଦରେ ବିଧାୟକ ଓ ଜିଲ୍ଲା ପରିଷଦ ସଭ୍ୟା, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଥିଲା । ଆଜି (ରବିବାର) ଅଞ୍ଚଳର ହଜାର ହଜାର ମହିଳା ଏକତ୍ରିତ ହୋଇ ବିଧାୟକଙ୍କ ସହ ନୋଟିସ ଧରି ଥାନା ଘେରିଥିଲେ । ସେଠାରେ ପୁଲିସ ପ୍ରଶାସନ, ଭାଟି ମାଲିକ ଦେଇଥିବା ଅଭିଯୋଗ ପତ୍ର ପ୍ରତ୍ୟାହାର କରିଥିବା ଓ କୌଣସି ମାମଲା ଦାୟର ହୋଇ ନଥିବା ଲିଖିତ ପ୍ରତିଶ୍ରୁତି ପରେ ମହିଳାମାନେ ଘରକୁ ଫେରି ଥିଲେ ।

# ଅଣସର ଦର୍ଶନ ନିମନ୍ତେ ଅଲାରନାଥରେ ବ୍ୟାପକ ବ୍ୟବସ୍ଥା

ବ୍ରହ୍ମଗିରି(ରା.ରି): ଶ୍ରୀକ୍ଷେତ୍ରରେ ସ୍ନାନପୂର୍ଣ୍ଣିମା ପରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଗୃହକୁ ଚାଲିଯିବେ । ଏପଟେ ଅଲାରନାଥ ଭକ୍ତଙ୍କୁ ଦର୍ଶନ ଦେବେ । ଏଥିପାଇଁ ଜୁନ୍ ୩୦ରୁ ବ୍ରହ୍ମଗିରିରେ ଲୋକଙ୍କ ଭିଡ଼ ବୃଦ୍ଧିପାଇବ । ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଆନନ୍ଦ ବଜାର ସଫାସୁତରା ହୋଇ ଭୋଗ ଦୋକାନ ପାଇଁ ଟେଣ୍ଟ ଲାଗିଲାଣି । ପିଇବା ପାଣି, ପରିମଳ ବ୍ୟବସ୍ଥା, ଡ୍ରେନେଜ, ଲାଇଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଲାଣି । ମନ୍ଦିର ଭିତରେ, ବାହାରେ, ପାର୍କିଂ, ବ୍ୟାରିକେଡ, ଆନନ୍ଦ ବଜାର, ଭୋଗ ଦୋକାନ ସବୁଆଡେ ସିସିଟିଭି ଲାଗିବା କାମ ଜୋରଦାର ଚାଲିଛି । ବ୍ରହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁଙ୍କ ଠାରୁ ମିଳିଥିବା ସୂଚନାନୁସାରେ, ଚଳିତ ବର୍ଷ ୫୦ରୁ ଅଧିକ ସିସିଟିଭି ଲାଗିବ । ମନ୍ଦିର ଭିତର ସହିତ ବେଢା ଏବଂ ବାହାର ଅଳରେ ସିସିଟିଭି ନଜରରେ ରଖାଯିବ ବୋଲି ପୁଲିସ କହିଛି । ଧାଡ଼ିଦର୍ଶନ ନିମନ୍ତେ ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯିବ । ଗ୍ରୀଷ୍ମତାପରୁ ଶ୍ରଦ୍ଧାଳୁଙ୍କ ରକ୍ଷା ନିମନ୍ତେ ଟେଣ୍ଟ ଏବଂ ପବନ ପାଇଁ ଫ୍ୟାନ୍ ବ୍ୟବସ୍ଥା କରାଯିବ । ଏହା ସହିତ ପ୍ରତ୍ୟକ ସେବାୟତଙ୍କ ପରିବାରକୁ ୨୦ଟି ଲେଖାଏ ପାସ ଦିଆଯାଇଛି । ଯାହାକି ସ୍ୱତନ୍ତ୍ର ଭାବରେ ତିଆରି କରାଯାଇଛି । ନକଲି ପାସ ରୋକିବାକୁ ପ୍ରଶାସନର ଏକ ସ୍ୱତନ୍ତ୍ର ଟିମ ନିୟୋଜିତ ରହିବେ । ଅନ୍ୟପଟେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ଦର୍ଶନ ପାଇଁ ୭ ପ୍ଲାଟୁନ ପୁଲିସ ଫୋର୍ସ, ୭୦ରୁ ଅଧିକ ଅଫିସର ମୁତୟନ ରହିବେ । ସାଦାପୋଷାକରେ ଦୁଇ ସେକସନ ପୁଲିସ ଫୋର୍ସ ରହିବେ । ଅତିରିକ୍ତ ଏସପିଙ୍କ ନରତୃତ୍ୱରେ ପୁରା ସୁରକ୍ଷା ବ୍ୟବସ୍ଥା ତଦାରଖ ହେବ । ପ୍ରତ୍ୟକ ବର୍ଷ ମନ୍ଦିର ଗର୍ଭ ଗୃହରେ ଚୋରି ହେଉଥିବାରୁ ସାଦାପୋଷାକରେ ପୁଲିସ ମୁତୟନ ରହିବା ସହିତ ସିସିଟିଭି ନଜରରେ ପୁରା ମନ୍ଦିର ରହିବ ।

ଏଥିପାଇଁ ପୁରୀ ଏସପି, କେନ୍ଦ୍ରାଳ ଆଇଜି, ବିଧାୟିକା, ଜିଲ୍ଲାପାଳ, ସ୍ଥାନୀୟ ଅଧିକାରୀଙ୍କୁ ନେଇ ବହୁ ପୂର୍ବରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହା ସହିତ ଚଳିତ ବର୍ଷ ବରାଦି ଭୋଗ ଶ୍ରୀଗଣେଷଙ୍କ ମନ୍ଦିର ଆଗରେ ଅସ୍ଥାୟୀ ଭୋଗ ମଣ୍ଡପରେ ଭଣ୍ଡ ଉଠିବ । କେବଳ ନୀତି ଭୋଗ ଶ୍ରୀଜିଉଙ୍କ ମନ୍ଦିର ଭିତରେ କରାଯିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି । ଯାହାକି ଶ୍ରଦ୍ଧାଳୁଙ୍କ ଦର୍ଶନରେ ସୁବିଧା ହେବ ।

ଦୀପ ଷ୍ଟାଣ୍ଡ ଏବଂ ଚାପ ପୋଖରୀ ପାଖରେ ଅଗ୍ନିଶମ ବାହିନୀ ମୁତୟନ ରହିବେ ଅଗ୍ନିଶମ ଅଧିକାରି କହିଛନ୍ତି । ମେଡିକାଲ ପକ୍ଷରୁ ଗୋଟିଏ ଆମ୍ବୁଲାନ୍ସ ରହିବା ସହିତ ଅସ୍ଥାୟୀ ମେଡିକାଲ ଟିମ୍ କ୍ୟାମ୍ପ କରି ମନ୍ଦିର ଆଗରେ ରହିବେ । ଚଳିତ ବର୍ଷ ନୂତନ ଭାବେ ଯେଉଁ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ମନ୍ଦିରକୁ ଦାନ କରିବେ ଅନଲାଇନରେ ଦାନ ପାଇଁ ବ୍ୟବସ୍ଥା କରାଯାଇଥିବା ଅନ୍ତରୀଣ ନ୍ୟାସୀ ତଥା ବ୍ରହ୍ମଗିରି ତହସିଲଦାର ଦେବାଶିଷ ସେଠୀ କହିଛନ୍ତି ।

## ଓଟିଏସ୍ ଅଧିକାରୀ ଭୀମସେନ ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର: ନବନିଯୁକ୍ତ ଓଡ଼ିଶା ଟାକ୍ସେସନ୍ ଏବଂ ଆକାଉଣ୍ଟସ ସର୍ଭିସ୍ (ଓଟିଏସ୍) ଅଧିକାରୀ ଭୀମସେନ ଟୁଡୁଙ୍କ ଉପରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିଛନ୍ତି। ଏହାସହ ଶ୍ରୀ ଟୁଡୁ ଭବିଷ୍ୟତରେ ବି ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ନୂଆ କରି ଓଟିଏସ୍ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଂ ସମୟରେ ଜୁନ୍ ୪, ୨୦୨୬ରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମି ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ସେ ଯୋଗ ଦେଇନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ ଏବଂ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।




ଆପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟ ଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି ବୋଲି କୁହାଯାଇଛି। ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲାରେ ତାଙ୍କ ପ୍ରେମିକ ଭୀମସେନଙ୍କ ସମ୍ପୃକ୍ତି ଥିବା ନେଇ ଚନ୍ଦ୍ରିକାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ସମୟରେ ଭୀମସେନଙ୍କର ଏହି ମୃତ୍ୟୁ ମାମଲାରେ ସଂପୃକ୍ତି ଥିବା ଜଣାପଡ଼ିଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନୂଆ କରି OTAS ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଂ ସମୟରେ ୨୦୨୬ ଜୁନ୍ ୪ ତାରିଖ ଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ (MDRAFM)ରେ ତାଙ୍କ ଶେଷ ପରୀକ୍ଷାରେ ମଧ ଯୋଗ ଦେଇ ନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କୁ ଏବେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଖୁବ୍‌ଶୀଘ୍ର ପ୍ରଣୟନ ହେବ ନୂତନ 'ଚଳଚ୍ଚିତ୍ର ନୀତି' : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ରା.ରି): "ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ। ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ଏକ ନୂତନ 'ଚଳଚ୍ଚିତ୍ର ନୀତି' ପ୍ରଣୟନ କରିବାକୁ ଯାଉଛନ୍ତି," ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଓଡ଼ିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବ୍ଶୀଘ୍ର ଏକ ଶୁଭ ଖବର ମିଳିବ।

ଓଡ଼ିଆ ସିନେମାର ସମୃଦ୍ଧ ଇତିହାସ ଏବଂ ଏହାର ଆରମ୍ଭକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କରିବା ସହ ସେହି ବର୍ଷ ହିଁ ମହାନ ରାସ-ସ୍ରଷ୍ଟା ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମାଣ ହେବା ଏକ ଅପୂର୍ବ ସଂଯୋଗ। ଅତୀତରେ 'ମାୟା ମିରିଗ', 'ଭୁକା', 'ଶେଷ ଶ୍ରାବଣ' ଏବଂ 'ହାକିମ ବାବୁ' ଭଳି କାଳଜୟୀ ସିନେମା ଓଡ଼ିଆ ମାଟିର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇଥିଲା। ସାମ୍ପ୍ରତିକ ସମୟରେ 'ଦମନ', 'ପ୍ରତୀକ୍ଷା', 'ଶଳା ବୁଢ଼ା', 'ପୁଷ୍କରା', 'ବୋଉ ବୁଟୁ ଭୂତ' ଏବଂ 'ବର ବଧୂ' ଭଳି ଚଳଚ୍ଚିତ୍ରଗୁଡ଼ିକ ଆମ ମାଟିର ମୌଳିକ କାହାଣୀକୁ ନେଇ ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପୁଣି ଏକ ନୂତନ ପରିଚୟ ଦେଇଛନ୍ତି, ଯାହା ଓଡ଼ିଆ ସିନେମାର ଏକ ନୂତନ ସୂର୍ଯ୍ୟୋଦୟ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି।

ବର୍ତ୍ତମାନର ବୈଷୟିକ ଯୁଗ ଓ ଓଟିଟି (OTT) ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ନୂତନ ପିଢ଼ି ସିନେମାଟୋଗ୍ରାଫି, ସାଉଣ୍ଡ ଡିଜାଇନିଂ ଏବଂ VFX କ୍ଷେତ୍ରରେ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଆପଣେଇଛନ୍ତି। ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଯୋଗାଇଦେବା ସହ କଳିଙ୍ଗ ଷ୍ଟୁଡ଼ିଓକୁ ଦେଶର ଏକ ପ୍ରମୁଖ




ଡିଜିଟାଲ୍ ଏବଂ ପୋଷ୍ଟ-ପ୍ରଡକ୍ସନ ହବ୍‌ରେ ପରିଣତ କରାଯାଉଛି, ଯେପରି ଆମ ପିଢ଼ିକୁ କାମ ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଏଥିସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ସିନେମା ଟୁରିଜିମ୍ (Cinema Tourism) ର ବିକାଶ କରିବାକୁ ସେ ଦେଶ ଓ ରାଜ୍ୟର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଆହ୍ୱାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ପ୍ରଯୋଜକ ଓ ଦର୍ଶକମାନଙ୍କୁ ଓଡ଼ିଆ ସିନେମାର ପୃଷ୍ଠପୋଷକତା ସାଜିବାକୁ ଅନୁରୋଧ କରିଛନ୍ତି। ପ୍ରଯୋଜକମାନେ ଆଧୁନିକତା ସହ ଓଡ଼ିଆ ସମାଜ ଓ ସଂସ୍କୃତିର ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କଲେ ଦର୍ଶକ ନିଶ୍ଚିତ ଥିଏଟରକୁ ଫେରିବେ। ସେହିପରି ଦର୍ଶକମାନଙ୍କୁ ସିନେମା ହଲ୍‌କୁ ଯାଇ ଓଡ଼ିଆ ଫିଲ୍ମ ଦେଖିବାକୁ ଅନୁରୋଧ କରି ସେ କହିଛନ୍ତି ଯେ, ଗୋଟିଏ ଚଳଚ୍ଚିତ୍ର ପଛରେ ଶହ ଶହ ପରିଚୟହୀନ ଟେକନିସିଆନ, ଲେଖକ ଓ ଗରିବ ଶ୍ରମିକଙ୍କ ଜୀବିକା ଜଡ଼ିତ ଥାଏ।

ସେ ଆହୁରି କହିଛନ୍ତି ଯେ ଓଡ଼ିଆ ସିନେମାରେ ଓଡ଼ିଆତ୍ୱ ଅଛି। ଆମେ ସମସ୍ତେ ଟିମ୍ ଓଡ଼ିଶା ହୋଇ କାମ କରିବା। ଆମ ପାଖରେ ଅର୍ଥର କୌଣସି ଅସୁବିଧା ନାହିଁ। ଆମ ସରକାର ଆପଣଙ୍କ ମତାମତକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ କହିଥିଲେ ଯେ ଓଡ଼ିଆ ଫିଲ୍ମ ସିନେମା ହଲରୁ ବାହାର କରି ଯଦି ଆଉ କୌଣସି ସିନେମାକୁ ପ୍ରଚାର କରାଯାଏ ତେବେ ସରକାରୀ ସ୍ତରରେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି।

ସୂଚନାଯୋଗ୍ୟଯେ ଚଳିତ ବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ, ୨୦୨୩ ବର୍ଷ ପାଇଁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ' ବରିଷ୍ଠ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ଏବଂ ୨୦୨୪ ବର୍ଷ ପାଇଁ ଏହି ସମ୍ମାନ ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସଙ୍କୁ ପ୍ରଦାନ କରାଯିବା ସହ ଉଭୟଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶେଷରେ ୨୦୨୩ ଓ ୨୦୨୪ ବର୍ଷ ପାଇଁ ମୋଟ୍ ୬୨ଟି ବିଭାଗରେ ବିଭିନ୍ନ ଚଳଚ୍ଚିତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା କଳାକାରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ।

ଏହି ସମାରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଓଡ଼ିଆ ସିନେ ଇଣ୍ଡଷ୍ଟ୍ରି ଅରେଞ୍ଜ ଇକୋନୋମିକୁ ବୃଦ୍ଧି କରିବାରେ ସହାୟକ ହେବ। ବିଜୁ ପଟ୍ଟନାୟକ ଫିଲ୍ମ ଏଣ୍ଡ ଟେଲିଭିଜନ ଅନୁଷ୍ଠାନକୁ ଆଗାମୀ ଦିନରେ ଦକ୍ଷ ମାନବ ସମ୍ବଳ ଯୋଗାଇଦିଆଯିବ। ସିନେ କଳାକାର କେବଳ ନିଜ କଳା ପାଇଁ ପାରିଶ୍ରମିକ ପାଆନ୍ତି ନାହିଁ ମାତ୍ର ଓଡ଼ିଶାର ସଂସ୍କୃତିକୁ ଆଗେଇନେବା ପାଇଁ ଗୁରୁତ୍ୱ ଭୂମିକା ଗ୍ରହଣ କରିଥାନ୍ତି।

ଏହି ସମାରୋହରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ବିକଶିତ ଓଡ଼ିଶାର ନିର୍ମାଣ ସେତେବେଳେ ହେବ ଯେତେବେଳେ ଓଡ଼ିଆ ସିନେ ଜଗତର ଉନ୍ନତି ଘଟିବ। ସରକାର ଆଜି ଓଡ଼ିଆ ସିନେ ଜଗତର ପୁନରୁଦ୍ଧାର ପାଇ ସଂକଳ୍ପବଦ୍ଧ ଏବଂ ଓଡ଼ିଆ ଇଣ୍ଡଷ୍ଟ୍ରି ଉନ୍ନତି ପାଇ ପ୍ରତ୍ୟେକ କଳାକାରଙ୍କ ମତାମତ ସ୍ୱାଗତଯୋଗ୍ୟ।

ଏହି ଉତ୍ସବରେ, ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇର ବିଧାୟକ ଆକାଶ ଦାସ ନାୟକ ଏବଂ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀରେ ନିର୍ମାଣ ହେବ ୧୦୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର

ଭୁବନେଶ୍ୱର:ପବିତ୍ର ଶ୍ରୀକ୍ଷେତ୍ର ପୁରୀର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର। ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ସେଠାରେ ୧୦୦୦ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ।

ବିଭାଗ ପକ୍ଷରୁ "ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ - ସମାବେଶୀ ସହର - ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ" ଆଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି।

ପ୍ରସ୍ତାବିତ ପ୍ରକଳ୍ପକୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ସ୍ଥାନ ଭାବେ ପରିକଳ୍ପନା କରାଯାଇଛି। ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ଶିକ୍ଷାଗତ ତଥା ବୃତ୍ତିଗତ ଆଲୋଚନାଚକ୍ର, ସାଂସ୍କୃତିକ ମହୋତ୍ସବ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ ସମାବେଶ ଆଦି ଆୟୋଜନ କରାଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ପୁରୀରେ ଏକ ବୃହତ ଓ ଆଧୁନିକ ପ୍ରେକ୍ଷାଳୟର ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ ହେବ ବୋଲି ଆଶା କରାଯାଉଛି।

ଭାରତର ଅନ୍ୟତମ ତୀର୍ଥ କ୍ଷେତ୍ର ତଥା ଏକ ପ୍ରମୁଖ ବିଶ୍ୱ ପର୍ଯ୍ୟଟନ



ସ୍ଥଳୀ ଭାବେ ପୁରୀର ସ୍ୱତନ୍ତ୍ର ପରିଚୟକୁ ରେଖାଙ୍କିତ କରି ଡଃ ମହାପାତ୍ର କହିଛନ୍ତି ଯେ, ସହରର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏବଂ ସହରାଞ୍ଚଳ ଭିତ୍ତିଭୂମି ତଥା ଜନସାଧାରଣଙ୍କ ସୁବିଧା ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ସମ୍ମିଳନୀ କକ୍ଷ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରିବାକୁ ମନ୍ତ୍ରୀ, ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ଓଡ଼ିଶାର ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଏହି ପଦକ୍ଷେପ ସହରାଞ୍ଚଳର ସୁବିଧା ସୁଯୋଗକୁ ସୁଦୃଢ଼ କରିବ, ଗୋଷ୍ଠି ସହଭାଗିତାକୁ ପ୍ରୋତ୍ସାହିତ କରିବ ଏବଂ ଦ୍ରୁତ ଗତିରେ ବଢ଼ୁଥିବା ସହରାଞ୍ଚଳ ଜନସଂଖ୍ୟାର ଆବଶ୍ୟକତାକୁ ପୂରଣ କରିବ।

ଏହି ସମାରୋହରେ ଉପସ୍ଥିତ ଥିବା ଜନପ୍ରତିନିଧି, ନାଗରିକ ଏବଂ ବିଭିନ୍ନ ଅଂଶୀଦାରମାନେ ଏହି ଘୋଷଣାକୁ ସ୍ୱାଗତ କରିବା ସହ ପ୍ରସ୍ତାବିତ ସମ୍ମିଳନୀ କକ୍ଷ ଶ୍ରୀକ୍ଷେତ୍ରର ରୂପରେଖରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଛନ୍ତି।

ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏକ ପ୍ରମୁଖ ଜନ କଲ୍ୟାଣକାରୀ ଭିତ୍ତିଭୂମି ଭାବେ ଉଭା ହେବ, ଯାହା ପୁରୀର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ଗୌରବକୁ ଆହୁରି ବଢ଼ାଇବ। ଏହାସହ ଓଡ଼ିଶାର ସ୍ଥାୟୀ, ସମାବେଶୀ ଏବଂ ନାଗରିକ-କୈନ୍ଦ୍ରିକ ସହରୀ ବିକାଶର ପରିକଳ୍ପନାକୁ ସାକାର କରିବାରେ ବିଶେଷ ସହାୟକ ହେବ।

## ପୁସ୍ତକ ତ୍ରୁଟି ମାମଲା; ୪ ଜଣ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର: ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଇଆର୍‌ଟି) ଦ୍ୱାରା ପ୍ରକାଶିତ ପୁସ୍ତକରେ ତ୍ରୁଟି ନେଇ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରାଜ୍ୟ ସରକାର ୪ ଜଣ ଅଧିକାରୀ ନିଲମ୍ବନ କରିଛନ୍ତି। ନିଲମ୍ବନ ତାଲିକାରେ ପୂର୍ବତନ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶକ




ମନୋଜ ପାଢ଼ୀ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ ସାହୁ ଏବଂ ଭାରତୀ ଟୁଡୁ ସାମିଲ ଅଛନ୍ତି।

ରାଜ୍ୟ ସରକାର ଅନ୍ୟ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏହି ତାଲିକାରେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କମିଟି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ରାଜ୍ୟ ସରକାର ତ୍ରୁଟି ସୁଧାରିବାକୁ କମିଟିର ୧୪ ସୁପାରିସ କାର୍ଯ୍ୟକାରୀ କରିବେ। ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ୧୪ ସୁପାରିସ କାର୍ଯ୍ୟକାରୀ ହେବ। SCERT ପକ୍ଷରୁ ମାଷ୍ଟର ତ୍ରୁଟି ରେଜିଷ୍ଟର ପ୍ରସ୍ତୁତ କରାଯିବ। ସେହିପରି କ୍ୱାଲିଟି ଆସ୍ୟୁରାନସ ସେଲ୍ ଖୋଲାଯିବ। ଭାଷା, ଚିତ୍ର, ତଥ୍ୟ ଏଣିକି ଅନୁମୋଦନ ବିନା ପ୍ରିଣ୍ଟିଂ ପ୍ରେସକୁ ଯିବ ନାହିଁ।

ସୂଚନାଯୋଗ୍ୟ, ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୨ କୋଟି ୭୩ ଲକ୍ଷ ୮୨ ହଜାର ୫୦ ପାଠ୍ୟପୁସ୍ତକ ଆବଶ୍ୟକ ଥିଲା। ଗଞ୍ଜାମଜିଲ୍ଲା ପାଇଁ ସର୍ବାଧିକ ୨୧ ଲକ୍ଷ ୨୩ ହଜାର ୫୫୦, ମୟୂରଭଞ୍ଜ ପାଇଁ ୧୮ ଲକ୍ଷ ୪୧ ହଜାର ୬୦୦, ବାଲେଶ୍ୱର ପାଇଁ ୧୫ ଲକ୍ଷ ୫୫ ହଜାର ୯୦୦, କେନ୍ଦୁଝର ପାଇଁ ୧୩ ଲକ୍ଷ ୫୫ ହଜାର ୬୦, କଟକ ପାଇଁ ୧୨ ଲକ୍ଷ ୪୮ ହଜାର ୫୦୦, ଯାଜପୁର ପାଇଁ ୧୨ ଲକ୍ଷ ୨୮ ହଜାର ୭୫୦ ପାଠ୍ୟପୁସ୍ତକ ଯୋଗାଣ କରିବାକୁ ସ୍ଥିର ହୋଇଥିଲା। ସେହି ଅନୁଯାୟୀ ୨୦୨୫ ସେପ୍ଟେମ୍ବର ମାସରେ ଏସ୍‌ସିଇଆର୍‌ଟି ପକ୍ଷରୁ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଆଧାରରେ ପୁସ୍ତକ ପ୍ରସ୍ତୁତି ଚାଲିଥିଲା। ନିୟମିତ ବ୍ୟବଧାନରେ ବିଭିନ୍ନ କମିଟିର ବୈଠକ ବସିବା ସହ ମାର୍ଚ୍ଚ ୩୧ ସୁଦ୍ଧା ବିଦ୍ୟାଳୟସ୍ତରରେ କିଭଳି ପାଠ୍ୟପୁସ୍ତକ ଉପଲବ୍ଧ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏବେ ସୁଦ୍ଧା ୯୮% ବିଦ୍ୟାଳୟରେ ପାଠ୍ୟପୁସ୍ତକ ପହଞ୍ଚିଥିବା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତିନି ଦିନ ତଳେ କହିଥିଲେ। ମାତ୍ର ବାସ୍ତବ ଚିତ୍ର ଭିନ୍ନ। ସଂସ୍ଥାର ନିର୍ଦ୍ଦେଶକ ସମ୍ବିତ୍ କୁମାର ନାୟକଙ୍କୁ ଏ ନେଇ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇନାହାନ୍ତି।

## ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର : ଲୋକସଭା ଭବନରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ନି ନିରାପତ୍ତା ବୈଠକରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସଭାପତିତ୍ୱ କରି ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା



ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି ଓ ଆବଶ୍ୟକତା, ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ କେତେ ଅନୁପାଳନ ହୋଇଛି ସେ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା। ରୋଗୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଅଗ୍ନି ନିର୍ବାପକ ଉପକରଣର ନିୟମିତ ଯାଞ୍ଚ, ଜରୁରୀକାଳୀନ ପ୍ରସ୍ତୁତିର ସୁନିଶ୍ଚିତକରଣ, ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନ ଏବଂ ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।

ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରାପତ୍ତା ସରକାରଙ୍କ ପ୍ରମୁଖ ଦାୟିତ୍ୱ। ତେଣୁ ଅଗ୍ନିକାଣ୍ଡ ପରି ଜରୁରୀ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରତ୍ୟେକ ଅନୁଷ୍ଠାନରେ ପୂର୍ବ ପ୍ରସ୍ତୁତି ଏବଂ ସମୟୋପଯୋଗୀ ବ୍ୟବସ୍ଥା ଗ୍ରହଣ ଅତ୍ୟାବଶ୍ୟକ। ଆଜିର ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ୍) ଏମଡି ଡ. ବୃନ୍ଦା ଡ଼ି, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ଡିନ ଓ ସୁପରିଟେଣ୍ଡେଣ୍ଟମାନେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶାରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ସମ୍ପନ୍ନ ; ରାଜସ୍ୱ ସଚିବଙ୍କ ସମୀକ୍ଷା



ଭୁବନେଶ୍ୱର :ରାଜ୍ୟରେ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମୀକ୍ଷା କରିଛନ୍ତି। ବୈଠକରେ ଜନଗଣନା ଅଭିଯାନର ନିର୍ଦ୍ଦେଶକ (Director Census Operations) ଶ୍ରୀ ନିଖିଳ ପୱନ କଲ୍ୟାଣ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଗୃହ ତାଲିକାକରଣ କାର୍ଯ୍ୟ (House Listing Operation) ଏବଂ ଆବାସ ଗଣନା (Housing Census) ସଫଳତାର ସହ ସମ୍ପନ୍ନ ହୋଇଥିବା ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀଙ୍କୁ ଅବଗତ କରାଇଥିଲେ। ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ବିଭିନ୍ନସ୍ତରରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ସମନ୍ୱିତ ପ୍ରୟାସ ଫଳରେ ଜନଗଣନା କାର୍ଯ୍ୟ ସୁଚାରୁରୂପେ ସମାପ୍ତ ହୋଇଥିବା ନେଇ ଆଲୋଚନା ହୋଇଥିଲା।

ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜନଗଣନା କର୍ମକର୍ତ୍ତା, ଜିଲ୍ଲାପାଳ, ପୌର କମିଶନର, ଜନଗଣନାକାରୀ (Enumerators) ଏବଂ ସୁପରଭାଇଜରମାନଙ୍କ ନିଷ୍ଠାପୂର୍ଣ୍ଣ ଏବଂ ସମର୍ପିତ ଦାୟିତ୍ୱ ସମ୍ପାଦନ ପାଇଁ ପ୍ରଶଂସା କରିଥିଲେ। ରାଜସ୍ୱ ସଚିବ କହିଥିଲେ ଯେ, ଜନଗଣନା ଭଳି ଏକ ବୃହତ୍ ଜାତୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ଜନଗଣନାର ପରବର୍ତ୍ତୀ ପର୍ଯ୍ୟାୟ ଜନସଂଖ୍ୟା ଗଣନା (Population Enumeration) ପାଇଁ ଆବଶ୍ୟକ ପ୍ରସ୍ତୁତି, କାର୍ଯ୍ୟଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ସୁବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ପ୍ରସ୍ତୁତିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରି ଆଗାମୀ ପର୍ଯ୍ୟାୟକୁ ସଫଳ କରିବା ଉପରେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ୧୬ ଏପ୍ରିଲ ୨୦୨୬ ଠାରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ୩୦ ଦିନ ଧରି ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହା ସହିତ ସ୍ୱୟଂ-ଗଣନା (Self Enumeration) କାର୍ଯ୍ୟକ୍ରମ ୧ ଏପ୍ରିଲ ୨୦୨୬ ଠାରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସମ୍ପନ୍ନ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ମସିହା ଫେବୃଆରୀ ମାସରେ କରାଯିବ।

ଶେଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜନଗଣନା ଦଳକୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଶୁଭେଚ୍ଛା ଜଣାଇବା ସହ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ଆଶା ପ୍ରକାଶ କରିଥିଲେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ପ୍ରଜ୍ଞାଧାରା ମିଶ୍ର, ଶ୍ରୀମତୀ ଆଲୋମଣି ସେଠୀ, ଜନଗଣନାର କାର୍ଯ୍ୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ସିଂହ ଏବଂ ଶ୍ରୀ ହରାଧନ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ଲାଷ୍ଟିକ ବ୍ୟାଗର ଇତିହାସ

**ପନିପରିବା ହେଉକି ତେଜରାତି ସାମଗ୍ରୀ, ଯାହା ବି ଆଣନ୍ତୁ ପ୍ଲାଷ୍ଟିକ ବ୍ୟାଗର ଆବଶ୍ୟକତା ପଡ଼େ ଦୋକାନ ବଜାର, ସମସ୍ତଙ୍କ ଘରେ ଥାଏ ଏହି ବ୍ୟାଗ୍। ତେବେ ଜାଣନ୍ତି କି ବହୁଳଭାବେ ବ୍ୟବହାର ହେଉଥିବା ଏହି ପ୍ଲାଷ୍ଟିକ ବା ପଲିଥିନ ବ୍ୟାଗର ଉଦ୍ଭାବନ କେବେ ଓ କିଏ କରିଥିଲେ ? ଜାଣନ୍ତୁ ସେ ସମ୍ପର୍କରେ....**

ଯେତେବେଳେ ପ୍ରଶ୍ନ ଉଠେ ପ୍ଲାଷ୍ଟିକ ବ୍ୟାଗ କେଉଁଠାରୁ ଆସିଛି ?"। ପଲିଥନ ଉଦ୍ଭାବନ ଏହାର ମୂଳଦୁଆ ବୋଲି କୁହାଯାଇପାରେ। ପ୍ଲାଷ୍ଟିକ ବ୍ୟାଗର ପ୍ରମୁଖ ଉପାଦାନ ତଥା ଏହି ପଲିଥିନର ନିଜସ୍ୱ ଏକ ଆକର୍ଷଣୀୟ ଇତିହାସ ଅଛି । ୧୯୩୩ ମସିହାରେ ଇଂଲଣ୍ଡର ନର୍ଥଵିଚରେ ଇମ୍ପେରିଆଲ କେମିକାଲ ଇଣ୍ଡଷ୍ଟ୍ରିକ (C)ରେ ରେଜିନାଲ୍ଡ ଗବସନ ଏବଂ ଏରିକ ଫାସେଟ ଏହାର ଉଦ୍ଭାବନ କରିଥିଲେ। ଏହି ଉଦ୍ଭାବନ ପୂଜା ସମ୍ପୂର୍ଣ୍ଣ ଆକସ୍ମିକ । ଏହି ବୈଜ୍ଞାନିକମାନେ ଅତ୍ୟଧିକ ଚାପରେ ଇଥିଲିନ ପରୀକ୍ଷଣ କରୁଥିଲେ । ଆଉ ସେ ଏକ ମହମ ଭଳି ଧଳା ପଦାର୍ଥ ଉଦ୍ଭାବନ କରିଥିଲେ। ଏହି ପଦାର୍ଥକୁ ପଲିଥିନ ନାମରେ ନାମିତ କରାଯାଇଥିଲା। ଏହାର ହାଲୁକା ଓଜନ, ରାସାୟନିକ ପଦାର୍ଥ ପ୍ରତିରୋଧ ଶକ୍ତି ଏବଂ ବିଭିନ୍ନ ଆକାରରେ ପରିଣତ ହେବାର କ୍ଷମତା ଯୋଗୁ ଏହାର ଶିଳ୍ପ ବଢିଲା । ଲୋକପ୍ରିୟତା ବୃଦ୍ଧି ପାଇବା ଆରମ୍ଭ ହେଲା। ଫଳରେ ପ୍ଲାଷ୍ଟିକ ବ୍ୟାଗ ସମେତ ବିଭିନ୍ନ ପ୍ରକାରର ଜିନିଷ ତିଆରି ଆରମ୍ଭ ହେଲା।

ଆଧୁନିକ ପ୍ଲାଷ୍ଟିକ ଶପିଂ ବ୍ୟାଗ, ଯାହାକୁ ଏହାର ଆକାର ଯୋଗୁଁ ପ୍ରାୟତଃ "ଟି-ସାର୍ଟ ବ୍ୟାଗ " କୁହାଯାଏ, ତାହାକୁ ଗୁସ୍ତାଫ ଥୁଲିନ ଷ୍ଟାନ ନାମକ ଜଣେ ସିଡେନର ଇଞ୍ଜିନିୟର ଡିଜାଇନ କରିଥିଲେ ।୧୯୬୦ ଦଶକର ପ୍ରାରମ୍ଭରେ ଷ୍ଟାନ ଯେତେବେଳେ ପ୍ୟାକେଜିଂ କମ୍ପାନୀ ସେଲୋପ୍ଲାଷ୍ଟରେ କାମ କରୁଥିଲେ, ପ୍ଲାଷ୍ଟିକ ବ୍ୟାଗ କିପରି ଦେଖାଯିବ ଏବଂ କିପରି କାର୍ଯ୍ୟ କରିବା ଉଚିତ ତାହା ପୁନଃକଳ୍ପନା କରିଥିଲେ। ଆଉ ପ୍ଲାଷ୍ଟିକର ଏକ ସରଳ ୱାନ୍-ପିସ ବ୍ୟାଗ ତିଆରି ପଦ୍ଧତି ବିକଶିତ କରିଥିଲେ । ଷ୍ଟାନଙ୍କ ଡିଜାଇନ ଅଧିକ ଭାଗ ବନ୍ଦନ କରିବାର କ୍ଷମତା ସହିତ ଏକ ସରଳ, ଦୃଢ଼ ବ୍ୟାଗ ଉତ୍ପାଦନ କରିଥିଲା । ତାଙ୍କର ଏହି ଅଭିନବ ଡିଚାଳନର ବ୍ୟାଗ, ୧୯୬୫ ମସିହାରେ ସେଲୋପ୍ଲାଷ୍ଟ କମ୍ପାନୀ ଦ୍ୱାରା ସାରା ବିଶ୍ୱରେ ପେଟେଣ୍ଟ କରାଯାଇଥିଲା । ତାଙ୍କ ପୁଅ ରାଉଲ ଦିନେ କହିଥିଲେ ଯେ, ବାପା ଷ୍ଟାନ ବିଶ୍ୱାସ କରୁଥିଲେ– ସ୍ଥାୟୀ ପ୍ଲାଷ୍ଟିକ ବ୍ୟାଗ ଏକକ ବ୍ୟବହୃତ ହେବ ନାହିଁ ବରଂ ଦୀର୍ଘକାଳୀନ ବ୍ୟବହୃତ ହେବ ଏବଂ ଗଛ କାଟି ତିଆରି କରାଯାଉଥିବା କାଗଜ ବ୍ୟାଗର ସ୍ଥାନ ନେବ । ୧୯୭୦ ଦଶକର ଶେଷଭାଗକୁ ପ୍ଲାଷ୍ଟିକ ବ୍ୟାଗ ୟୁରୋପୀୟ କିରାଣା ଦୋକାନଗୁଡ଼ିକରେ ଏକ ନିତାନ୍ତ ଆବଶ୍ୟକୀୟ ଜିନିଷ ହୋଇଗଲା । ୧୯୮୦ ଦଶକର ମଧ୍ୟଭାଗରୁ, ବିକଶିତ ବିଶ୍ୱରେ ଦୈନନ୍ଦିନ ସାମଗ୍ରୀ କିଣି ଦୋକାନରୁ ଘରକୁ ନେବା ପାଇଁ ପ୍ଲାଷ୍ଟିକ ବ୍ୟାଗ ସାଧାରଣ ହୋଇଗଲା। ପ୍ଲାଷ୍ଟିକ ବ୍ୟାଗଗୁଡ଼ିକ କ୍ରମଶଃ କାଗଜ ବ୍ୟାଗକୁ ବଦଳାଇଲା । ତା ସହ କାଚ, ଧାତୁ, ପଥର, କାଠ ଏବଂ ଅନ୍ୟାନ୍ୟ ସାମଗ୍ରୀର ବି ସ୍ଥାନ ନେଲା। ପ୍ୟାକେଜିଂ କ୍ଷେତ୍ରରେ ନୂଆ ବିପ୍ଳବ ଆରମ୍ଭ ହେଲା ଓ ପ୍ଲାଷ୍ଟିକ ସପିଂ ବ୍ୟାଗଗୁଡ଼ିକ ଅତ୍ୟନ୍ତ ପ୍ରଚାରିତ ହୋଇଥିଲା। ବିଂଶ ଶତାବ୍ଦୀର ଶେଷ ଭାଗରେ ଆମେରିକୀୟ ଗ୍ରାହକ ସଂସ୍କୃତିରେ ପ୍ଲାଷ୍ଟିକ ବ୍ୟାଗର ସ୍ଥାନକୁ ସୁଦୃଢ଼ ହେଇଯାଉଥିଲା । ଧୀରେ ଧୀରେ ସାରା ବିଶ୍ୱରେ ଏହାର ବ୍ୟବହାର ହେବାକୁ ଲାଗିଲା । ଆଉ ଏହାର ବ୍ୟବହାର ଏତେ ମାତ୍ରାରେ ହେଲା ଯେ, ଏବେ ଏହା ପରିବେଶ ପାଇଁ ବିପଜ୍ଜନକ ପାଲଟିଛି । ତେଣୁ ଏବେ ପୁଣିଥରେ କାଗଜ ବ୍ୟାଗର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି ।





# ଗୋଟେ ଆଙ୍ଗୁଠିରେ ପୁଶ୍ ଅପ୍

ପୁଶ୍ ଅପ୍ କରିବା ଆଦୌ ସହଜ ନୁହେଁ । ଦୁଇ ହାତରେ ଯେଉଁଠି ଏହାକୁ କରି ହୁଏନା ସେଠି ଜଣେ ବ୍ୟକ୍ତି ମାତ୍ର ଗୋଟିଏ ଆଙ୍ଗୁଠିରେ ସର୍ବାଧିକ ପୁଶ୍ ଅପ୍ କରି ରେକର୍ଡ କରିଛନ୍ତି। ସେ ହେଉଛନ୍ତି ଜି ଗୁଇଝୋଙ୍ଗ । ସେ ୩୦ ସେକେଣ୍ଡରେ ସର୍ବାଧିକ ୪୧ ଥର ପୁଶ୍ ଅପ୍ କରିଥିଲେ ।ଏଇଥରୁ ଅନୁମାନ କରିହୁଏ ତାଙ୍କର ଗୋଟିଏ ଆଙ୍ଗୁଠିର ଶକ୍ତି ସହ ଆମର ଦୁଇ ହାତର ଶକ୍ତି ବି ସମାନ ହେବ ନାହିଁ। ଖୁବ୍ ଷ୍ଟ୍ରଙ୍ଗ ତାଙ୍କର ଆଙ୍ଗୁଠି । ୨୦୧୧ ମସିହା ଡିସେମ୍ବର ମାସ ୮ ତାରିଖରେ ସେ ଏହି ରେକର୍ଡ କରିଥିଲେ । ପୂର୍ବେ ସେ ୩୦ ସେକେଣ୍ଡରେ ୨୫ ଥର ପୁଶ୍ ଅପ୍ କରି ରେକର୍ଡ କରିଥିଲେ । ଆଉ ୨୦୧୧ରେ ସେ ନିଜର ରେକର୍ଡକୁ ଭାଙ୍ଗି ୩୦ ସେକେଣ୍ଡରେ ୪୧ ଥର ପୁଶ୍ ଅପ୍ କଲେ । ଆଉ ନୂଆ

# ମା'ଙ୍କ ମନ୍ଦିରକୁ ଏକାଠି ଯିବା ମନା

ଧାର୍ମିକ କଲେରିଷ୍ଟ ଖଣ୍ଡନ ମନ୍ଦିର ହେଉଛି ଏକ ଅନୁଷ୍ଠାନ। ଏଠାରେ ପୂଜାପାଠ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ସେଥିପାଇଁ ଆମ ଦେଶରେ ପ୍ରତି ପୂଜା ପାର୍ବଣରେ ମନ୍ଦିରରେ ଗହଳି ଚହଳି ଲାଗିଥାଏ। ହେଲେ ଏମିତି କିଛି ମନ୍ଦିର ରହିଛି, ଯେଉଁଠି ପରମ୍ପରା ଏବଂ ମାନ୍ୟତା ଭିନ୍ନ ଭିନ୍ନ। ମନ୍ଦିରକୁ ପରିବାର ସହ ମିଶି ପୂଜାର୍ଚ୍ଚନା କରିବାକୁ ଯାଇଥାନ୍ତି ଲୋକେ। କିନ୍ତୁ ଏମିତି ଏକ ମନ୍ଦିର, ଯେଉଁଠି ସ୍ୱାମୀ-ସ୍ତ୍ରୀ ଏକାଠି ହୋଇ ଦର୍ଶନ କରିପାରିବେ ନାହିଁ। ଶୁଣି ଆଶ୍ଚର୍ଯ୍ୟ ହେଉଥିଲେ ମଧ କଥାଟା ସତ। ଏହା ହେଉଛି ମା' ଦୁର୍ଗାଙ୍କ ମନ୍ଦିର। ଯେଉଁଠି ସ୍ୱାମୀ-ସ୍ତ୍ରୀ ଏକାଠି ମା'ଙ୍କୁ ଦର୍ଶନ କରିପାରିବେ ନାହିଁ। ଏହା ପଛରେ ଭଗବାନ ଶିବଙ୍କ ସହ ରହସ୍ୟ ଯୋଡ଼ି ହୋଇରହିଛି। ହିମାଚଳ ପ୍ରଦେଶ ସିମଲାର ରାମପୁରଠାରେ ଅବସ୍ଥିତ ଏହି ମନ୍ଦିରରେ ପୂଜା ପାଆନ୍ତି ମା' ଦୁର୍ଗା। କିନ୍ତୁ ଏଠାକୁ ସ୍ୱାମୀ-ସ୍ତ୍ରୀ ଏକାଠି ଯାଇ ପୂଜା କରିବା ପାଇଁ ବାରଣ ରହିଛି। କୁହାଯାଏ, ଭଗବାନ ଶିବ ତାଙ୍କର ଦୁଇପୁତ୍ର ଗଣେଶ ଏବଂ କାର୍ତ୍ତିକେୟଙ୍କୁ ବ୍ରହ୍ମାଣ୍ଡ ପରିକ୍ରମା କରବାକୁ କହିଲେ। କାର୍ତ୍ତିକେୟ ତାଙ୍କ ବାହନ ମୟୂର ପିଠିରେ ବସି ବ୍ରହ୍ମାଣ୍ଡ ଭ୍ରମଣରେ ବାହାରିଗଲେ। କିନ୍ତୁ ଗଣେଶ ମାତାପିତାଙ୍କ ଚାରିପାଖରେ ବୁଲି କହିଲେ ବ୍ରହ୍ମାଣ୍ଡ ମାତାପିତାଙ୍କ ଚରଣରେ। ଅନ୍ୟପକ୍ଷରେ କାର୍ତ୍ତିକେୟଙ୍କୁ ବ୍ରହ୍ମାଣ୍ଡ ବୁଲି ଆସିବାକୁ ଦୀର୍ଘଦିନ ଲାଗିଲା। ଏହା ମଧ୍ୟରେ ଗଣେଶଙ୍କ ବିବାହ ହୋଇସାରିଥିଲା। ଏଥିରେ କାର୍ତ୍ତିକେୟ ରାଗିଗଲେ। କାରଣ ଗଣେଶ କାର୍ତ୍ତିକଙ୍କଠାରୁ ସାନ ଥିଲେ। ସେ କେବେ ବିବାହ କରିବେ ନାହିଁ ବୋଲି ସଂକଳ୍ପ ନେଲେ। ଏଥିରେ ମାତା ପାର୍ବତୀ କ୍ରୋଧିତ ହୋଇଗଲେ। କହିଲେ, ଯେଉଁ ସ୍ୱାମୀ-ସ୍ତ୍ରୀ ସାଥୀ ହୋଇ ତାଙ୍କର ମନ୍ଦିର ଦର୍ଶନ କରିବେ ସେ ଅଲଗା ହୋଇଯିବେ।





# ଏତେ ବଡ଼ ବାଇକ୍ !

ବାଇକ୍ ଚଲାଇବାକୁ ପ୍ରାୟ ସବୁ ପୁରୁଷ ଭଲ ପାଆନ୍ତି। କହିବାକୁଗଲେ ବିଭିନ୍ନ ପ୍ରକାରର ବାଇକ୍ ଚଲାଇବା ହେଉଛି ପୁରୁଷଙ୍କର ଏକ ନିଶା। ତେଣୁ ଏଠି ଆମେ ଯେଉଁ ବାଇକ୍ କଥା କହୁଛୁ ସେ ବାଇକ୍‌କୁ ଜୀବନରେ ଥରେ ଚଲାଇବାକୁ ଯେ କେହି ଚାହିଁବେ। ଏ ବାଇକ୍ ଜିରାଫ ଭଳି ଡେଙ୍ଗା ଓ ହାତୀ ଭଳି ଓଜନିଆ। ତଥାପି ଏହାକୁ ଚଲାଇ ହୁଏ। ଇଟାଲୀର ଫାବିଓ ରେଗିଆନି ଏହି ବାଇକ୍ ତିଆରି କରିଛନ୍ତି। ବାଇକ୍‌ର ଉଚ୍ଚତା ୧୬ ଫୁଟ୍ ୮.୭୮ ଇଞ୍ଚ, ଯାହାକି ଏକ ବୟସ୍କ ଜିରାଫର ଉଚ୍ଚତା ସହ ସମାନ। ଏହାର ଲମ୍ବ ୧୦.୦୩ ମିଟର ଓ ଓସାର ୨.୫ ମିଟର। ଓଜନ ୫୦୦୦ କି.ଗ୍ରା., ଯାହାକି ହାତୀର ଓଜନ ସହ ସମାନ। ଏହା ୨୮୦ ହର୍ଷପାଓ୍ୱାର ଯୁକ୍ତ ହେବା ସହ ଏଥିରେ ତିନୋଟି ଫରୱାଡ୍ ଗିୟର, ତିନୋଟି ରିଭର୍ସ ଗିୟର ବି ଅଛି। ସାଧାରଣ ବାଇକଠୁ ଏହା ଛଅ ଗୁଣ ଅଧିକ ବଡ଼। ଉକ୍ତ ବାଇକ ତିଆରି କରିବାକୁ ଫାବିଓ ୮ ଜଣିଆ ଟିମ୍ ତିଆରି କରିଥିଲେ। ଛଅ ମାସରେ ଏହାର ନିର୍ମାଣ ସରିଥିଲା। ଏୟାରବ୍ରସିଂ ଓ ସ୍ପ୍ରେ ପେଣ୍ଟିଂ କମ୍ପାନୀର ମାଲିକ ଫାବିଓ କୁହନ୍ତି,'ମୋତେ ଚ୍ୟାଲେଞ୍ଜ ଭଲ ଲାଗେ । ତେଣୁ ମୁଁ ନିଜକୁ ଚ୍ୟାଲେଞ୍ଜ କରିଥିଲି କିଛି ଅସମ୍ଭବ ତିଆରି କରିବାକୁ । ମୁଁ ମୋ ଟିମ୍ ସହ ମିଶି ଏହି ବିରାଟକାୟ ବାଇକ ତିଆରି କରିଦେଖାଇଲୁ। ଆଉ ତାହା ପୃଥିବୀର ସବୁଠାରୁ ଡେଙ୍ଗା ବାଇକ୍ ଭାବେ ଗିନିଜ ୱାର୍ଲ୍ଡ କେରର୍ଡସ୍‌ରେ ସ୍ଥାନ ବି ପାଇଲା।'



# ପରିବେଶର ରକ୍ଷକ ଶାଗୁଣା

ପ୍ରତିବର୍ଷ ସେପ୍ଟେମ୍ବର ପ୍ରଥମ ଶନିବାରକୁ 'ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ' ଭାବରେ ପାଳନ କରାଯାଇ ଆସୁଛି।୨୦୦୬ ମସିହାରେ ଦକ୍ଷିଣ ଆଫ୍ରିକାର ଏନ୍‌ଡେଞ୍ଜର୍ଡ ଓ୍ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଓ ଇଂଲଣ୍ଡର ହକ୍ କଞ୍ଜରଭାନ୍ସି ଟ୍ରଷ୍ଟ ମିଳିତଭାବେ ଶାଗୁଣାଙ୍କ ସଂରକ୍ଷଣ ସକାଶେ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ଆରମ୍ଭ କରିଥିଲେ। ତେବେ ପ୍ରଥମ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ୨୦୦୯ ସେପ୍ଟେମ୍ବର ପ୍ରଥମ ଶନିବାର ପାଳନ କରାଯାଇଥିଲା। ପରିବେଶକୁ ପରିଷ୍କାର ରଖିବାରେ ଶାଗୁଣାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ମରିଯାଇଥିବା ଜୀବଜନ୍ତୁ ପଚି ଶଢ଼ି ପରିବେଶକୁ ପ୍ରଦୂଷଣ କରିବା ପୂର୍ବରୁ ଏମାନେ ସେଗୁଡ଼ିକୁ ଖାଇଦିଅନ୍ତି। ପ୍ରତିକୂଳ ସ୍ଥିତିକୁ ଭ୍ରୂକ୍ଷେପ ନ କରି ଏମାନେ ନିଜ କାମରେ ଲାଗିଥାଆନ୍ତି। କିନ୍ତୁ ପରିତାପର ବିଷୟ, ପରିବେଶ ସଫେଇରେ ବିଶେଷ ଭୂମିକା ନିଭାଉଥିବା ଏହି ପକ୍ଷୀଙ୍କ ବଂଶ ଧୀରେ ଧୀରେ ଲୋପ ପାଇଯିବାକୁ ବସିଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କଲେଣି। ତେଣୁ ଏହି ଦିବସ ଅବସରରେ ପରିସଂସ୍ଥା ସୁରକ୍ଷାକାରୀ ଶାଗୁଣାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ବିପଦଗ୍ରସ୍ତ ଉକ୍ତ ପ୍ରଜାତିଙ୍କ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରାଯାଇଥାଏ।

# ଦୋଳି ଝୁଲି ଝୁଲି ରେକର୍ଡ

ଇଂଲଣ୍ଡର ରିଚାର୍ଡ ସ୍କଙ୍କ ବୟସ ୫୩ ବର୍ଷ। ତିନୋଟି ସନ୍ତାନର ବାପା। ଏ ବୟସରେ ବି ସେ ବହୁତ ଫିଟ୍। ନିକଟରେ ସେ କରାଟେରେ ବ୍ଲାକ୍ ବେଲ୍ଟ ହାସଲ କରିଛନ୍ତି। ତେଣୁ ସେ ନିଷ୍ପତ୍ତି ନେଲେ କିଛି ନିଆରା କରି ୱାର୍ଲ୍ଡ ରେକର୍ଡ କରିବେ। ହେଲେ କ'ଣ କରିବେ ନିଷ୍ପତ୍ତି ନେଇପାରୁ ନ ଥିଲେ। ପିଲାଦିନେ ଦୋଳି ଖେଳିବାକୁ ସେ ଖୁବ୍ ଭଲ ପାଉଥିଲେ । ବଡ଼ ହେବା ପରେ ବ୍ୟବସାୟ ସହ ସଂସାରରେ ବ୍ୟସ୍ତ ରହି ଦୋଳିଖେଳିବା ବନ୍ଦ ହୋଇଯାଇଥିଲା। ଦିନେ ସେ ଭାବିଲେ ଦୋଳି ଖେଳକୁ ନେଇ ରେକର୍ଡ କରିବେ। ତେଣୁ ସର୍ଚ୍ଚ କଲେ ଏଭଳି କିଛି ରେକର୍ଡ ହୋଇଛି କି ନାହିଁ। ଦେଖିଲେ ଜଣେ ବ୍ୟକ୍ତି ୩୪ ଘଣ୍ଟା ଦୋଳି ଝୁଲି ରେକର୍ଡ କରିଛନ୍ତି। ସେ ନିଷ୍ପତ୍ତି ନେଲେ ଯାଠୁ ଅଧିକ ସମୟ ଦୋଳି ଝୁଲି ସେ ରେକର୍ଡ କରିବେ । ଦୋଳି ଖେଳି ରେକର୍ଡ କରିବା କଥା ଶୁଣିବାକୁ ସହଜ ଲାଗିପାରେ। ହେଲେ ଏହା ଏତେଟା ସହଜ ନୁହେଁ। ରିଚାର୍ଡ ମଝିରେ ମଝିରେ ଖାଇବା ଓ ଟଏଲେଟ୍ ଯିବାପାଇଁ ବ୍ରେକ୍ ନେଉଥିଲେ। ଯେତିକି ସମୟ ଏଥିପାଇଁ ନେଉଥିଲେ ସେତିକି ସମୟ ସେ ଅଧିକ ଦୋଳି ଖେଳୁଥିଲେ । ଏମିତି କରି ସେ ୩୬ ଘଣ୍ଟା ୩୨ ମିନିଟ୍ ମାରାଥନ ଦୋଳି ଖେଳି ରେକର୍ଡ କଲେ। ରିଚାର୍ଡ କୁହନ୍ତି, 'ଏହି ରେକର୍ଡ କରିବା ଯେତିକି ମଜାଦାର ଥିଲା ତା'ଠୁ ବେଶି କଷ୍ଟକର ଥିଲା। ଆଗାମୀ ଦିନରେ କଷ୍ଟ ହେଉପଛେ ମୁଁ ମୋର ଏହି ରେକର୍ଡକୁ ନିଜେ ଭାଙ୍ଗିବାକୁ ଚେଷ୍ଟା କରିବି।'





# ବେଙ୍ଗାଲୁରୁ ଜଗନ୍ନାଥ ମନ୍ଦିର

ଜଗତରନାଥ ଶ୍ରୀଜଗନ୍ନାଥଙ୍କର ମହିମା କାହାକୁ ବା ଅଗୋଚର। ତାଙ୍କର ଆଶିଷ ଟିକେ ପାଇବାକୁ ଆଉ ତାଙ୍କର ଦର୍ଶନ ଟିକେ ଲଭିବାକୁ ପ୍ରତିଦିନ ଦେଶବିଦେଶରୁ ଭକ୍ତଗଣ ପୁରୀ ବଡ଼ଦେଉଳକୁ ଧାଇଁ ଆସନ୍ତି। ପୁରୀର ଜଗନ୍ନାଥ ମନ୍ଦିର ଆଉ ପୁରୀ ରଥଯାତ୍ରାର ପ୍ରସିଦ୍ଧି ସମଗ୍ର ବିଶ୍ୱରେ କାହିଁରେ କେତେ ରହିଛି । ହେଲେ ପୁରୀ ଛଡ଼ା ବି ଆହୁରି ଅନେକ ସ୍ଥାନରେ ଅଛି ଜଗନ୍ନାଥ ମନ୍ଦିର ଆଉ ସେଠାରେ ବି ପାଳିତ ହେଉଛି ରଥଯାତ୍ରା। ତନ୍ମଧ୍ୟରୁ ବେଙ୍ଗାଲୁରୁ ଜଗନ୍ନାଥ ମନ୍ଦିର ହେଉଛି ଅନ୍ୟତମ। ଭଗବାନ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସମର୍ପିତ ଏକ ଜଗନ୍ନାଥ ମନ୍ଦିର ବେଙ୍ଗାଲୁରୁରେ ବି ରହିଛି। ସ୍ଥାନୀୟ ସରଜାପୁର ରୋଡ୍‌ରେ ଅବସ୍ଥିତ। ଏହା ପୁରୀ ଜଗନ୍ନାଥ ମନ୍ଦିର ଦେଖିବାକୁ ଯେମିତି ଅବିକଳ ନ ହେଲେ ବି ସେହି ଢାଞ୍ଚାରେ ଏହି ମନ୍ଦିରଟିକୁ ଏଠାରେ ତିଆରି କରାଯାଇଛି। ସେହିପରି ବଡ଼ଦେଉଳରେ ପ୍ରଭୁଙ୍କର ଯାହା ବି ନୀତିକାନ୍ତି ପାଳିତ ହୋଇଥାଏ, ସେହି ନିୟମରେ ଏଠାରେ ବି ପ୍ରଭୁଙ୍କର ପୂଜାର୍ଚ୍ଚନା କରାଯାଇଥାଏ ବୋଲି ସୂଚନା ରହିଛି। ଏଠାରେ ମଧ୍ୟ ପ୍ରତିବର୍ଷ ପ୍ରଭୁଙ୍କର ସ୍ନାନପୂର୍ଣ୍ଣିମା, ରଥଯାତ୍ରା ଆଦି ପାଳିତ ହୋଇଥାଏ।

ରଥଯାତ୍ରାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ପ୍ରତିମାଙ୍କୁ ଏଠାରେ ବି ରଥ ଉପରେ ବିରାଜମାନ କରି ନଗର ପରିକ୍ରମା କରାଯାଇଥାଏ; ଯାହାକୁ ଦେଖିବାକୁ ଆଖପାଖର ହଜାର ହଜାର ସଂଖ୍ୟାରେ ଭକ୍ତଗଣ ଧାଇଁ ଆସିଥାନ୍ତି। ବେଙ୍ଗାଲୁରୁରେ ବସବାସ କରୁଥିବା କେବଳ ଓଡ଼ିଆ ସମ୍ପ୍ରଦାୟର ଭକ୍ତଙ୍କୁ ନୁହେଁ, ପ୍ରଭୁଙ୍କର ଏହି ଅପୂର୍ବ ଲୀଳା ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ବି ଖୁବ୍ ଆକୃଷ୍ଟ କରିଥାଏ। ବର୍ତ୍ତମାନ ଏହି ମନ୍ଦିରଟିର ରକ୍ଷଣାବେକ୍ଷଣା ଦାୟିତ୍ୱ ବେଙ୍ଗାଲୁରୁର ଶ୍ରୀଜଗନ୍ନାଥ ଟେମ୍ପଲ୍ ଟ୍ରଷ୍ଟ ବୁଝୁଥିବା ସୂଚନା ରହିଛି।

ମନ୍ଦିରର ନିର୍ମାଣଶୈଳୀ: ସୂଚନାନୁଯାୟୀ, କଳିଙ୍ଗ ଶୈଳୀ ବାସ୍ତୁକଳାରେ ନିର୍ମିତ ବେଙ୍ଗାଲୁରୁସ୍ଥିତ ଏହି ଜଗନ୍ନାଥ ମନ୍ଦିରଟିର ଅପୂର୍ବ କାରୁକାର୍ଯ୍ୟ ଭକ୍ତଗଣଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଏହି ମନ୍ଦିରର ଶାନ୍ତ, ସୁନ୍ଦର ପରିବେଶରେ କିଛି ସମୟ ବସିପଡିଲେ ଖୁବ୍ ଶାନ୍ତି ଲାଗିବା ସହ ମନରେ ସ୍ୱତଃ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୋଇଥାଏ। ଏଠାରେ ମୁଖ୍ୟ ଦେବଦେବୀ ଭାବେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପୂଜା କରାଯାଉଥିଲେ ହେଁ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ବି ଉକ୍ତ ମନ୍ଦିର ପରିସରରେ ସ୍ୱତନ୍ତ୍ର ଆସ୍ଥାନର । ନୀତିକାନ୍ତି ;ଏଠାରେ ବି ପ୍ରତିଦିନ ନିୟମାନୁସାରେ ପ୍ରଭୁଙ୍କର ଆଳତି ହେବା ସହ ଅନ୍ୟାନ୍ୟ ନୀତିକାନ୍ତି କରାଯାଇଥାଏ। ନିୟମିତ ଭୋଗ ଲଗାଯାଇଥାଏ। ତା'ସାଙ୍ଗକୁ ଯେଉଁ ଭକ୍ତ ପ୍ରସାଦ ପାଇବାକୁ ଇଚ୍ଛା କରିଥାନ୍ତି, ତାଙ୍କୁ ପ୍ରସାଦ ବି ଦିଆଯାଇଥାଏ। ଦହି ପଖାଳ, ଖେଚୁଡ଼ି, ଡାଲମା ଇତ୍ୟାଦି ହେଉଛି ଏଠାକାର ମୁଖ୍ୟ ପ୍ରସାଦ।

କେବେ ଓ କେମିତି ଯିବେ ;ଭକ୍ତଗଣ ବର୍ଷର ସବୁ ସମୟରେ ଏଠାକୁ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଯାଇପାରିବେ। ତେବେ ରଥଯାତ୍ରା ସମୟରେ ଏଠାରେ ଟିକେ ଅଧିକ ଗହଳି ହୁଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ବସ୍ ହେଉକି ଟ୍ରେନ୍ ଅଥବା ଫ୍ଲାଇଟ୍, ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ପ୍ରଥମେ ବେଙ୍ଗାଲୁରୁରେ ପହଞ୍ଚିଲା ପରେ ସେଠାରୁ ସ୍ଥାନୀୟ ସାଧନ ଯୋଗେ ଆରାମରେ ଯାଇ ସରଜାପୁର ରୋସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିପାରିବେ ।

କିଛି ଜାଣିବା କଥା:ଭକ୍ତଗଣଙ୍କ ଦର୍ଶନ ନିମନ୍ତେ ଉକ୍ତ ମନ୍ଦିରଟି ସକାଳ ୬ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩.୩୦ରୁ



## ଅସ୍ତ୍ରବିରତି ଉଲ୍ଲଂଘନ କଲେ ବିଶ୍ୱ ମାନଚିତ୍ରରୁ ଲିଭିଯିବ ଇରାନ

ୱାସିଂଟନ: ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ପୁଣି ଥରେ ବୃଦ୍ଧି ପାଇଛି। ଶାନ୍ତି ଚୁକ୍ତି କେବଳ ଆଲୋଚନା ଟେବୁଲ ଉପରେ ରହିଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଇରାନ ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖେ ଏବଂ ଆମେରିକାକୁ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ବାଧ୍ୟ କରାଯାଏ, ତେବେ ଇସଲାମିକ ଗଣରାଜ୍ୟ ଇରାନର ଅସ୍ତିତ୍ୱ ଶେଷ ହୋଇଯିବ। ବିଶ୍ୱ ମାନଚିତ୍ରରୁ ଇରାନ ଲିଭିଯିବ। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ



ଆମେରିକା ଲଗାତାର ଦ୍ୱିତୀୟ ଦିନ ପାଇଁ ଅନେକ ଇରାନୀ ସାମରିକ ଘାଟି ଉପରେ ବିମାନ ଆକ୍ରମଣ କରିଛି। ଏହାର ଜବାବରେ ବାହାରିନ ଏବଂ କୁଏତ ଉପରେ ଆକ୍ରମଣ କରି ଇରାନ ପ୍ରତିଶୋଧ ନେଇଛି। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ କହିଛନ୍ତି ଯେ ଆମେରିକାର ଲଢୁଆ ବିମାନଗୁଡ଼ିକ ଇରାନୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ପ୍ରତିଷ୍ଠାନ ଏବଂ ଉପକୂଳବର୍ତ୍ତୀ ରାଡାର ସିଷ୍ଟମକୁ ଟାର୍ଗେଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଇରାନ ପୁଣି ଥରେ ଅସ୍ତ୍ରବିରତି ଚୁକ୍ତିନାମା ଉଲ୍ଲଂଘନ କରିଛି। ଟ୍ରମ୍ପ କହିଛନ୍ତି, ଆମେରିକା ଏପର୍ଯ୍ୟନ୍ତ ସଂଯମତା ଅବଲମ୍ବନ କରିଆସୁଛି, କିନ୍ତୁ ଯଦି ଇରାନ ଆକ୍ରମଣ ବନ୍ଦ ନ କରେ, ତେବେ ଆମେରିକା କଠୋର ପଦକ୍ଷେପ ଗ୍ରହଣ କରିବ ଯାହାର ଗମ୍ଭୀର ପରିଣାମ ହେବ। ଆମେରିକାର ସେନାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ କହିଛି ଯେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ଏହି ଅଭିଯାନ କରାଯାଇଥିଲା। ଆମେରିକା ଦାବି କରିଛି ଯେ ଇରାନ ଏକ ଆତ୍ମଘାତୀ ଡ୍ରୋନ୍ ସାହାଯ୍ୟରେ ପାନାମା-ପତାକାଯୁକ୍ତ ତୈଳ ଟ୍ୟାଙ୍କର୍ ଏମ/ଟି କିକୁ ଉପରେ ଆକ୍ରମଣ କରିଥିଲା। ଜାହାଜଟି ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିଲା ଏବଂ ୨ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ବୋହି ନେଉଥିଲା।

## ଭେନେଜୁଏଲା ଭୂକମ୍ପ: ୫୨ ହଜାର ନିଖୋଜ

କାରାକାସ୍: ଭେନେଜୁଏଲାରେ ଜୁନ୍ ୨୫ରେ ଆସିଥିବା ଶକ୍ତିଶାଳୀ ଭୂକମ୍ପଜନିତ ବିପର୍ଯ୍ୟୟ ଅତି ଭୟାନକ ସ୍ଥିତି ସୃଷ୍ଟି କରିଛି। ପ୍ରକୃତିର ଏହି ପ୍ରଳୟଙ୍କରୀ ତାଣ୍ଡବରେ ମୃତ୍ୟୁସଂଖ୍ୟା ୧ ହଜାର ଅତିକ୍ରମ କରିଥିବା ବେଳେ ୫୨ ହଜାରରୁ ଅଧିକ ଲୋକ ଏବେ ମଧ୍ୟ ନିଖୋଜ ଅଛନ୍ତି। ଗତକାଲି ଭେନେଜୁଏଲାର ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳରେ ଅନୁଭୂତ ହୋଇଥିବା ଆଉ ଏକ ୪.୯ ତୀବ୍ରତାର ନୂତନ କମ୍ପନ କାରାକାସ୍ ଏବଂ ମାରାକେ ସହରରେ କ୍ଷୟକ୍ଷତିର ପରିମାଣକୁ ଆହୁରି ବଢ଼ାଇ ଦେଇଛି। ଏହି ମହାସଙ୍କଟ ସମୟରେ ଭାରତ ସରକାର ସହାୟତାର ହାତ ବଢ଼ାଇ 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ କରିଛନ୍ତି। ଏହା ଅଧୀନରେ ଭାରତ ପକ୍ଷରୁ ୩୫ ଟନ୍ ଜୀବନରକ୍ଷାକାରୀ ମେଡିକାଲ ସାମଗ୍ରୀ ଏବଂ ୪୧ ଜଣିଆ ମେଡିକାଲ ଟିମ୍ ପଠାଯାଇଛି। ଭାରତ ବ୍ୟତୀତ ଆମେରିକା ପକ୍ଷରୁ ଜରୁରୀ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ମେକ୍ସିକୋ, କଲୋମ୍ବିଆ, ଏଲ୍ ସାଲଭାଡୋର, ସ୍ୱିଜରଲ୍ୟାଣ୍ଡ ଏବଂ ଜାତିସଂଘର ପ୍ରାୟ ୧,୦୦୦ ଜଣ ବିଶେଷଜ୍ଞ ଉଦ୍ଧାରକାରୀ



କର୍ମୀ ଭେନେଜୁଏଲାରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଏଜେନ୍ସି ଦ୍ୱାରା ଧ୍ୱଂସାବଶେଷ ତଳୁ ୨୪୩ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ଏଥିମଧ୍ୟରେ ଲା ଗୁଆଇରା ସହରର ଭଙ୍ଗା ଅଟ୍ଟାଳିକା ତଳୁ ଆଶ୍ଚର୍ଯ୍ୟଜନକ ଭାବେ ମୁକୁଳିଥିବା ଜଣେ ୧୫ ବର୍ଷର ନାବାଳିକା ଏବଂ ମାତ୍ର ୧୮ ଦିନର ଏକ ନବଜାତ ଶିଶୁ ସାମିଲ ଥିବା ଜଣାପଡ଼ିଛି। ହଜାର ହଜାର ଲୋକ ଏବେ ମଧ୍ୟ ଫସି ରହିଥିବାରୁ ଶୋକାକୁଳ ପରିବାର ଲୋକେ ସାଧାରଣ ସରଞ୍ଜାମ ସାହାଯ୍ୟରେ ନିଜେ ମାଟି ଓ କଂକ୍ରିଟ୍ ଖୋଳି ପ୍ରିୟଜନଙ୍କୁ ଖୋଜୁଛନ୍ତି। କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଉଦ୍ଧାରକାରୀ ଦଳର ମାର୍ଗକୁ ସର୍ବଦା ମୁକ୍ତ ରଖିବା ପାଇଁ ଜନସାଧାରଣଙ୍କୁ ବିପର୍ଯ୍ୟୟ ଅଞ୍ଚଳରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଜୀବନ ବଞ୍ଚାଇବା ପାଇଁ ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। କାରାକାସ୍ ସାରା ଅସ୍ଥାୟୀ କ୍ୟାମ୍ପ ପ୍ରସ୍ତୁତ କରାଯାଇ ବାସହୀନ ପରିବାରଗୁଡ଼ିକ ପାଇଁ ଖାଦ୍ୟ, ପୋଷାକ ଓ ଅନ୍ୟ ଜରୁରୀ ସାମଗ୍ରୀ ବଣ୍ଟନ କରାଯାଉଥିଲେ ହେଁ ଏବେ ମଧ୍ୟ ସେଠାରେ ସ୍ୱାସ୍ଥ୍ୟ ଓ ଶୌଚ ସାମଗ୍ରୀର ବ୍ୟାପକ ଅଭାବ ଦେଖାଦେଇଛି। ଅନ୍ତର୍ଜାତୀୟ ରେସ୍କ୍ୟୁ କମିଟି ଚେତାବନୀ ଦେଇଛି ଯେ, ଦେଶର ପ୍ରାୟ ୬୭ ଲକ୍ଷ ଲୋକ ଏହି ଭୂକମ୍ପରେ ପ୍ରଭାବିତ ହୋଇଥିବାରୁ ସମ୍ପୂର୍ଣ୍ଣ ଭେନେଜୁଏଲା ଏବେ ଦଶନ୍ଧିର ସବୁଠାରୁ ବଡ଼ ମାନବୀୟ ସଙ୍କଟର ସାମ୍ନା କରୁଛି।

## ସୁପ୍ରିମକୋର୍ଟରେ ୫୯ ବର୍ଷର ପୁରୁଣା ଜମି ବିବାଦର ଅନ୍ତ

ନୂଆଦିଲ୍ଲୀ: ଉତ୍ତରାଖଣ୍ଡର ହରିଦ୍ୱାରରେ ଛଅ ଦଶନ୍ଧି ଧରି ଚାଲିଥିବା ଚାରି ପିଢ଼ିର ଏକ ପୁରୁଣା ଜମି ବିବାଦର ଅବସାନ ଘଟାଇ ସୁପ୍ରିମକୋର୍ଟ ଐତିହାସିକ ରାୟ ଶୁଣାଇଛନ୍ତି। ସର୍ବୋଚ୍ଚ ଅଦାଲତ ଆବେଦନକାରୀ ସରାଫତ ଅଲୀଙ୍କ ପୂର୍ବପୁରୁଷଙ୍କ ଦ୍ୱାରା ୧୯୫୭ ମସିହାରେ କ୍ରୟ କରାଯାଇଥିବା ୧୫.୫ ବିଘା ଜମିର ପଞ୍ଜୀକୃତ ବିକ୍ରି ଦଲିଲ୍‌ର ବୈଧତାକୁ ସମ୍ପୂର୍ଣ୍ଣ ଭାବେ କାଏମ ରଖିଛନ୍ତି। ଏହି ଜଟିଳ ବିବାଦ ସେତେବେଳେ ଆରମ୍ଭ ହୋଇଥିଲା, ଯେତେବେଳେ ଆବେଦନକାରୀମାନେ ନାବାଳକ ଥିବା ସମୟରେ ୧୯୫୭ ଜୁନ୍ ୪ର ଏକ ପଞ୍ଜୀକୃତ ବିକ୍ରି ଦଲିଲ୍ ଆଧାରରେ ଜମି ଉପରେ ନିଜର ଦଖଲ ଦାବି କରିଥିଲେ। ୧୯୯୧ ମସିହାର ଚକବନ୍ଦୀ ପ୍ରକ୍ରିୟା ସମୟରେ ପ୍ରଥମେ ସେମାନଙ୍କର ଏହି ଅଧିକାରକୁ ସ୍ୱୀକୃତି ଦିଆଯାଇଥିଲା, ମାତ୍ର ପରବର୍ତ୍ତୀ ସମୟରେ ଅନ୍ୟ ସହ-ଅଂଶୀଦାରଙ୍କ ଆପତ୍ତି ଯୋଗୁଁ ଏହି ମାମଲା ପୁଣି ଥରେ ବିଚାର ପାଇଁ ଖୋଲାଯାଇଥିଲା। ୧୯୯୯ ମସିହାରେ ଚକବନ୍ଦୀ ଅଧିକାରୀ କେବଳ ସାକ୍ଷୀଙ୍କ ବିବରଣୀରେ ଥିବା ସାମାନ୍ୟ କେତେକ ବୈଷୟିକ ବ୍ୟତିକ୍ରମକୁ ଦର୍ଶାଇ 'ୟୁପି ଜମିଦାରୀ ଉଚ୍ଛେଦ ଓ ଭୂସଂସ୍କାର ଆଇନ'ର ଧାରା ୧୫୪ ଅନୁଯାୟୀ ଏହି ଦଲିଲ୍‌କୁ ଅବୈଧ ଘୋଷଣା କରିଥିଲେ। ଏହି ଆଦେଶ ବିରୋଧରେ ହୋଇଥିବା ପରବର୍ତ୍ତୀ ଅପିଲ୍ ତଳ ଅଦାଲତଗୁଡ଼ିକରେ ଖାରଜ ହୋଇଯାଇଥିଲା ଏବଂ ଶେଷରେ ୨୦୧୭ ମସିହାରେ ଆହ୍ଲାବାଦ ହାଇକୋର୍ଟ ମଧ୍ୟ ଆବେଦନକାରୀଙ୍କ ରିଟ୍ ପିଟିସନକୁ ଅଗ୍ରାହ୍ୟ କରିଦେଇଥିଲେ।

## ପ୍ରଯୁକ୍ତି ଓ ଏଆଇକୁ ସୁଯୋଗ ଭାବେ ଗ୍ରହଣ କରିବା ଉଚିତ: ଉପରାଷ୍ଟ୍ରପତି

ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ୍ ଶନିବାର ନୂଆଦିଲ୍ଲୀର ଡ. ଆମ୍ବେଦକର୍ ଅନ୍ତର୍ଜାତୀୟ କେନ୍ଦ୍ରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ୨୦୨୬ ପାଳନ ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କେବଳ ଏକ ଅର୍ଥନୈତିକ ବର୍ଗ ନୁହେଁ, ବରଂ ଏହା ପ୍ରଥମ ପିଢ଼ିର ଉଦ୍ୟୋଗୀମାନଙ୍କ ସାହସ,



ଯୁବପିଢ଼ିଙ୍କ ଆକାଂକ୍ଷା, ମହିଳା ଉଦ୍ୟୋଗୀମାନଙ୍କ ଦୃଢ଼ ସଂକଳ୍ପ ଏବଂ ଆହ୍ୱାନକୁ ସୁଯୋଗରେ ପରିଣତ କରିଥିବା କୋଟି କୋଟି କ୍ଷୁଦ୍ର ବ୍ୟବସାୟର ସାମର୍ଥ୍ୟକୁ ପ୍ରତିଫଳିତ କରେ। 'ବିକଶିତ ଭାରତ @୨୦୪୭' ଆଡ଼କୁ ଭାରତର ଯାତ୍ରା ଏକ ସମୃଦ୍ଧ ଏବଂ ଗତିଶୀଳ ଏମଏସଏମଇ କ୍ଷେତ୍ର ଦ୍ୱାରା ହିଁ ଚାଳିତ ହେବ ବୋଲି ସେ କହିଥିଲେ। ନିଜର ଉଦ୍ୟୋଗୀ ଯାତ୍ରାର ଅଭିଜ୍ଞତା ବାଣ୍ଟି ଉପରାଷ୍ଟ୍ରପତି କହିଥିଲେ ଯେ, ସ୍ନାତକ ସମାପ୍ତ କରିବା ପରେ ସେ ନିଜ ପିତାଙ୍କ ଆର୍ଥିକ ସହାୟତାରେ ଏକ ଛୋଟ ପୋଷାକ ବ୍ୟବସାୟ ଆରମ୍ଭ କରିଥିଲେ।

## ଦେଶର ପ୍ରଥମ ହାଇଡ୍ରୋଜେନ ଟ୍ରେନକୁ ମଞ୍ଜୁରୀ

### ଜର୍ମାନୀ, ଜାପାନ, ଚୀନ ଓ ଆମେରିକା ସହ ସମକକ୍ଷ ହେଲା ଭାରତ

ନୂଆଦିଲ୍ଲୀ, : ଭାରତୀୟ ରେଳବାଇ ପରିବେଶ ଅନୁକୂଳ ତଥା ପ୍ରଦୂଷଣମୁକ୍ତ ଯାତ୍ରା ଦିଗରେ ଏକ ଐତିହାସିକ ସଫଳତା ହାସଲ କରିଛି। ଦେଶର ପ୍ରଥମ ହାଇଡ୍ରୋଜେନ୍ ଫ୍ୟୁଲ୍ ସେଲ୍ ଚାଳିତ ଟ୍ରେନ୍ ଚଳାଚଳକୁ ସରକାରୀ ଭାବରେ ଅନୁମୋଦନ ମିଳିଛି। ଏହି ଟ୍ରେନ୍ ହରିୟାଣାର ଉତ୍ତର ରେଳବାଇ ଅନ୍ତର୍ଗତ ଜିନ୍ଦ-ସୋନିପତ ରୁଟରେ ଚାଲିବ। ବ୍ରଡ୍-ଗେଜ୍ ରେଳ ନେଟୱାର୍କରେ ଏହା ବିଶ୍ୱର ସବୁଠାରୁ ଲମ୍ବା ଏବଂ ଶକ୍ତିଶାଳୀ ହାଇଡ୍ରୋଜେନ୍ ଟ୍ରେନ୍ ବୋଲି କୁହାଯାଉଛି। ଏହି ବଡ଼ ପଦକ୍ଷେପ ସହ ଭାରତ ଏବେ ଜର୍ମାନୀ, ଜାପାନ, ଚୀନ ଏବଂ ଆମେରିକା ଭଳି ବିଶ୍ୱର ସେହି ସୀମିତ ଦେଶଗୁଡ଼ିକର କ୍ଲବ୍‌ରେ ସାମିଲ ହୋଇଛି, ଯେଉଁଠି ହାଇଡ୍ରୋଜେନ୍ ଚାଳିତ ରେଳ ବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛନ୍ତି। ଏହି ଟ୍ରେନରେ ମୋଟ ୧୦ଟି କୋଚ୍ ବା ବଗି ରହିବ। ଏଥିରେ ୧,୨୦୦ କିଲୋୱାଟ୍‌ର ହାଇଡ୍ରୋଜେନ ଫ୍ୟୁଲ୍ ସେଲ୍ ପ୍ରୋପଲସନ୍ ସିଷ୍ଟମ ବ୍ୟବହାର କରାଯାଇଛି। ଟ୍ରେନର ଆଗ ଓ ପଛରେ ଦୁଇଟି ଡ୍ରାଇଭିଂ ପାୱାର କାର୍ ରହିବ। ପ୍ରତ୍ୟେକ କାର୍ ୧,୨୦୦ କିଲୋୱାଟ୍ ଲେଖାଏଁ ଶକ୍ତି ଉତ୍ପାଦନ କରିବେ, ଯାହାଫଳରେ ଟ୍ରେନ୍‌ର




ମୋଟ ଶକ୍ତି ୨,୪୦୦ କିଲୋୱାଟ୍ ହେବ। ବାକି ୮ଟି କୋଚ୍ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ବ୍ୟବସାୟିକ ଭାବରେ ଏହି ଟ୍ରେନ୍ ଘଣ୍ଟାପ୍ରତି ୭୫ କିଲୋମିଟର ବେଗରେ ଚାଲିବ। ତେବେ ଏହାର ଗତି ଘଣ୍ଟାପ୍ରତି ୧୧୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରେ। ମାତ୍ର ଥରେ ହାଇଡ୍ରୋଜେନ୍ ଇନ୍ଧନ ଭରିବା ଦ୍ୱାରା ଏହି ଟ୍ରେନ୍ ପ୍ରାୟ ୨୫୦ କିଲୋମିଟର ପର୍ଯ୍ୟନ୍ତ ସହଜରେ ଯାତ୍ରା କରିପାରିବ। ଏହି ପ୍ରଯୁକ୍ତିବିଦ୍ୟାରେ ହାଇଡ୍ରୋଜେନ ଏବଂ ଅମ୍ଳଜାନ ମଧ୍ୟରେ ଏକ ରାସାୟନିକ ପ୍ରତିକ୍ରିୟା କରାଯାଇ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ। ଏହି ପ୍ରକ୍ରିୟାରେ କୌଣସି ବିଷାକ୍ତ ଗ୍ୟାସ୍ ବା ଧୂଆଁ ବାହାରେ ନାହିଁ। ଏହାର ଏକମାତ୍ର ବାହ୍ୟ ଉତ୍ପାଦ ହେଉଛି ଜଳୀୟ ବାଷ୍ପ ଏବଂ ସାମାନ୍ୟ ଉତ୍ତାପ। ସରଳ ଭାଷାରେ କହିଲେ, ଏହି ଟ୍ରେନ୍ ଚାଲୁଥିବା ସମୟରେ ନିଜ ଭିତରେ ହିଁ ନିଜ ପାଇଁ ବିଦ୍ୟୁତ୍ ସୃଷ୍ଟି କରିଥାଏ। ଡିଜେଲ୍ କିମ୍ବା ଅନ୍ୟାନ୍ୟ ଜୀବାଶ୍ମ ଇନ୍ଧନ ତୁଳନାରେ ଏହା ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ଏବଂ ପରିବେଶ ଉପଯୋଗୀ। ଟ୍ରେନ୍‌ର ସମ୍ମୁଖ ଭାଗରେ ୨୭ଟି ଏବଂ ପଛ ଭାଗରେ ୨୭ଟି ହାଇଡ୍ରୋଜେନ୍ ସିଲିଣ୍ଡର ସୁରକ୍ଷିତ ଭାବେ ସ୍ଥାପନ କରାଯାଇଛି। ଟ୍ରେନ୍ ଭିତରେ ଇନ୍ଧନ ସିଲିଣ୍ଡର, ବ୍ୟାଟେରୀ ଏବଂ କଣ୍ଟ୍ରୋଲ ସିଷ୍ଟମ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ରଖାଯାଇଛି। ଏହି ଟ୍ରେନକୁ ଇନ୍ଧନ ଯୋଗାଇବା ପାଇଁ ହରିୟାଣାର ଜିନ୍ଦଠାରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏକ ହାଇଡ୍ରୋଜେନ ଷ୍ଟୋରେଜ୍ ଏବଂ ରିଫ୍ୟୁଲିଂ କେନ୍ଦ୍ର ସ୍ଥାପନ କରାଯାଇଛି।

## ଭାରତ-ବାଂଲାଦେଶ ସୀମାରେ ପୁଣି ଉତ୍ତେଜନା

### ବିଏସଏଫ-ବିଜିବି ମୁହାଁମୁହିଁ

ଗୁଆହାଟୀ : ଆସାମର ଶ୍ରୀଭୂମି ଜିଲ୍ଲାର ଭାରତ-ବାଂଲାଦେଶ ସୀମାରେ ଅନୁପ୍ରବେଶ ନେଇ ଉତ୍ତେଜନା ଦେଖାଦେଇଛି। ଫଳରେ ସୀମା ସୁରକ୍ଷା ବଳ(ବିଏସଏଫ) ଏବଂ ସୀମା ସୁରକ୍ଷା ବାଂଲାଦେଶ (ବିଜିବି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବିଜିବି ଭାରତୀୟ ପାର୍ଶ୍ୱକୁ ବନ୍ଧୁକ ଦେଖାଇଥିବା ସୂଚନା ମିଳିଛି। ବହୁ ସଂଖ୍ୟକ ବାଂଲାଦେଶୀ ଅସ୍ତ୍ରଶସ୍ତ୍ର ଧରି ସୀମାରେ ବିଏସଏଫକୁ ବାରମ୍ବାର ଧମକ ଦେଇଥିବା କୁହାଯାଉଛି। ଏହି ଘଟଣା ବିଲାବାରୀ ସୀମାନ୍ତ ଅଞ୍ଚଳରେ ଘଟିଛି। ଫଳରେ ଉତ୍ତେଜନା ସୃଷ୍ଟି ହୋଇଛି। ରିପୋର୍ଟ ଅନୁଯାୟୀ, ନ୍ୟୁ ପଲ୍ଲାଥଲ ଅଞ୍ଚଳରେ ସୀମାରେ ବାଂଲାଦେଶୀ ଅନୁପ୍ରବେଶ ରୋକାଯିବା ପରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ସୀମା ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ଗ୍ରାମବାସୀମାନେ ଛୁରୀ, ଲାଠି ଏବଂ ବାଉଁଶ ବାଡି ଧରି ବିଜିବିର ସମର୍ଥନରେ ଏକତ୍ରିତ ହୋଇ ଅସ୍ତ୍ରଶସ୍ତ୍ର ଦେଖାଇ ବିଏସଏଫକୁ ଧମକ ଦେଇଥିବା କୁହାଯାଉଛି। ରିପୋର୍ଟ ଅନୁଯାୟୀ, ବିଜିବିର ପଲ୍ଲାଥଲ ସୀମା ଆଉଟପୋଷ୍ଟର ସୈନିକମାନେ ଲାଉଡସ୍ପିକର ମାଧ୍ୟମରେ ବିଏସଏଫକୁ ବାରମ୍ବାର ଚେତାବନୀ ଦେଇଥିଲେ। ସେମାନଙ୍କୁ ସୀମାରୁ ଦୂରେଇ ଯିବାକୁ ଅନୁରୋଧ କରିଥିଲେ। ବିଜିବି ଏହା ମଧ୍ୟ ଚେତାବନୀ ଦେଇଥିଲା ଯେ ଯଦି ପରିସ୍ଥିତି ଆହୁରି ବିଗିଡ଼ିଯାଏ ଏବଂ ଲୋକଙ୍କୁ ହଟା ନଯାଏ ନାହିଁ, ତେବେ ସେମାନଙ୍କୁ ଗୁଳି ଚଳାଇବାକୁ ପଡ଼ିପାରେ। ଏହି ଘଟଣା ଶ୍ରୀଭୂମି ଜିଲ୍ଲାରେ ଅନ୍ତର୍ଜାତୀୟ ସୀମାରେ ଉତ୍ତେଜନାକୁ ବୃଦ୍ଧି କରିଛି। ଏହି ଘଟଣା ଆସାମର ଶ୍ରୀଭୂମି ଜିଲ୍ଲାର ବିଲାବାରୀ ସୀମାରେ ଘଟିଛି,



ଯେଉଁଠାରେ ଭାରତୀୟ ସୁରକ୍ଷା କର୍ମୀମାନେ ବାଂଲାଦେଶୀ ନାଗରିକଙ୍କ ଏକ ଗୋଷ୍ଠୀକୁ ନ୍ୟୁ ପାଲାଥୋଲ ଅଞ୍ଚଳ ଆଡ଼କୁ ବାଂଲାଦେଶ ଭିତରକୁ ଠେଲିଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ବିଜିବି ଏହି ପଦକ୍ଷେପର ପ୍ରତିବାଦ କରିଥିଲା ଏବଂ ଏହି ଗୋଷ୍ଠୀକୁ ନିଜ ଅଞ୍ଚଳରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ମନା କରିଥିଲା।

## ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ

### ମା'ମାନେ ବିକାଶର...

ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଯୋଗୁଁ ନୀତି ଆୟୋଗର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ-୨୦୨୬ରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି। ଓଡ଼ିଶା ବର୍ତ୍ତମାନ ବୟନଶିଳ୍ପ ଓ ପର୍ଯ୍ୟଟନ ଭଳି ପ୍ରଚୁର ସୁଯୋଗ ଥିବା କ୍ଷେତ୍ରଗୁଡ଼ିକରେ ଆଗକୁ ବଢୁଥିବା ଦର୍ଶାଇ ଏହାକୁ ଏକ 'ଡାଇନାମିକ ଓଡ଼ିଶା' ବୋଲି ଅଭିହିତ କରିଥିଲେ।

### ଶିଳ୍ପାୟନ ରେସରେ..

ରାଜ୍ୟର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ। ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ରେ ସଂଶୋଧନ କରାଯାଇଥିବା ସୂଚନା ଦେଇଛନ୍ତି। ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀମାନଙ୍କୁ କହିଥିଲେ ଯେ, ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ କରିଡର ଉପରେ ନିର୍ଭର କରୁଥିଲା। ମାତ୍ର ବର୍ତ୍ତମାନ ଭାରତର ବିକାଶ କାହାଣୀର ପରବର୍ତ୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି। ଆମର ଲକ୍ଷ୍ୟ ହେଉଛି ''ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ ''ବିକଶିତ ଭାରତ ୨୦୪୭' ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ି ତୋଳିବା। ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ପ୍ରକାଶ କରିଥିଲେ। ଜୁନ୍ ୨୦୨୪ଠାରୁ ଓଡ଼ିଶା ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ।

### ବିଜେଡିରେ...

ସେବାର ସୁଯୋଗ ମିଳିଛି। ଜଗନ୍ନାଥ ଓ ବିଜେଡି କର୍ମୀଙ୍କ ଆଶୀର୍ବାଦରେ ମୁଁ ନିଷ୍ଠାର ସହ କାମ କରିବି ବୋଲି କହିଛନ୍ତି ସୁଜାତା ରାଉତ କାର୍ତ୍ତିକେୟନ।

୨୦୦୦ ମସିହା ବ୍ୟାଚର IAS ଅଫିସର ହେଉଛନ୍ତି ସୁଜାତା କାର୍ତ୍ତିକେୟନ। ସୁନ୍ଦରଗଡ଼ରେ ଜିଲ୍ଲାପାଳ ଥିବାବେଳେ ଛାତ୍ରୀଙ୍କ ପାଇଁ ସାଇକେଲ ଯୋଜନା ଆରମ୍ଭ କରିଥିଲେ। ସେହିପରି ୨୦୦୬ ରେ ମଧ୍ୟାହ୍ନ ଭୋଜନ (MDM) ରେ ଅଣ୍ଡା ସାମିଲ କରିବାରେ ସେ ଥିଲେ ପ୍ରମୁଖ ବିନ୍ଧାଣୀ, ଯାହା ପରେ ସମଗ୍ର ରାଜ୍ୟରେ ଲାଗୁ ହୋଇଥିଲା। ସୁନ୍ଦରଗଡ଼ରେ ସେ ବିଶେଷ କରି ଫୁଟବଲ ଏବଂ ହକି ଖେଳକୁ ପ୍ରୋତ୍ସାହିତ କରି 'ଫୁଟବଲ କଲେକ୍ଟର' ଭାବେ ଲୋକପ୍ରିୟତା ହାସଲ କରିଥିଲେ।
କଟକ ଜିଲ୍ଲାର ପ୍ରଥମ ମହିଳା ଜିଲ୍ଲାପାଳ ଭାବେ ସେ ଗର୍ଭବତୀ ମହିଳାଙ୍କ ସହାୟତା ପାଇଁ 'ମମତା ଯୋଜନା' ଆରମ୍ଭ କରିଥିଲେ। ଏହାବ୍ୟତୀତ ଓଡ଼ିଶାରେ ମହିଳା ସଶକ୍ତୀକରଣର ଅନ୍ୟତମ ପ୍ରମୁଖ ଯୋଜନା ମିଶନ ଶକ୍ତିରେ ସେ ନେତୃତ୍ୱ ନେଇଥିଲେ। ତାଙ୍କ ସଫଳ ନେତୃତ୍ୱରେ ଏହି ଯୋଜନାରେ ୭୦ ଲକ୍ଷ ମହିଳା ସାମିଲ ହୋଇଥିଲେ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଗୁଡ଼ିକର ଋଣ ପ୍ରଦାନ ପରିମାଣ ୭ ବର୍ଷ ମଧ୍ୟରେ ୫୦୦ କୋଟି ଟଙ୍କାରୁ ୧୫,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା।

### ଶୃଙ୍ଖଳିତ ରଥଯାତ୍ରା ...

ବାଡ଼ଗ୍ରାହୀ ଓହ୍ଲାଇ ଦେବେ। ଛେରାପହଁରା ପରେ ରଥ ଉପରେ କେବଳ ରଥ ସମ୍ପୃକ୍ତ ସେବକ ଓ କର୍ତ୍ତବ୍ୟରତ କର୍ମଚାରୀମାନେ ରହିପାରିବେ। ଶ୍ରୀବଳଭଦ୍ରଙ୍କ ରଥ ଉପରେ ୬୦ ଜଣ, ସୁଭଦ୍ରାଙ୍କ ରଥ ଉପରେ ୫୦ ଜଣ ଓ ଶ୍ରୀଜଗନ୍ନାଥଙ୍କ ରଥ ଉପରେ ୭୦ ଜଣ ମଧ୍ୟରେ ରଥ ସମ୍ପୃକ୍ତ ସେବକ ଓ କର୍ତ୍ତବ୍ୟରତ କର୍ମଚାରୀମାନେ ରହିପାରିବେ। ରଥର ଶୋଧଦଳ, ଦଇତାପତି ନିଯୋଗ ସଭାପତି, ସମ୍ପାଦକ ଓ ୪ ବାଡ଼ଗ୍ରାହୀ ଏଥିପ୍ରତି ଧ୍ୟାନ ଦେଇ କାର୍ଯ୍ୟ କରିବେ। ୩ ରଥର ବାଡ଼ରେ କୌଣସି ସେବକ ବସିପାରିବେ ନାହିଁ, ଠିଆ ହୋଇପାରିବେ ନାହିଁ କିମ୍ବା ଫୁଲ ଇତ୍ୟାଦି ତଳକୁ ପକାଇବେ ନାହିଁ। ରଥଟଣା ବେଳେ ରଥ ଉପରେ ଅନଧିକୃତ ବ୍ୟକ୍ତିଙ୍କୁ ବସାଇବା, ଥଣ୍ଡା ପାନୀୟ ଓ ଜଳ ବୋତଲରେ ପାନ କରିବା, କ୍ୟାମେରା ଓ ମୋବାଇଲ ଫୋନ୍ ବ୍ୟବହାର କରିବା ଓ ଠାକୁରଙ୍କ ଭୁଜ ମଧ୍ୟରେ ଦଇତାପତି ସେବକ ଠିଆ ହେବା ସମ୍ପୂର୍ଣ୍ଣ ନିଷେଧ। ଏହି ଦାୟିତ୍ୱ ଦଇତାପତି ନିଯୋଗ ସହ ନିୟୋଜିତ ଅଧିକାରୀମାନେ ଠିକ୍ ଭାବେ ସମ୍ପାଦନ କରିବେ।

## ଡେବ୍ୟୁରେ କମାଲ କଲା କେପ ଭର୍ଦେ

ନୂଆଦିଲ୍ଲୀ: ଫିଫା ବିଶ୍ୱକପରେ କମାଲ କରିଛି ଡେବ୍ୟୁଟାଣ୍ଟ କେପ ଭର୍ଦେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଶ୍ୱର ସବୁଠାରୁ ଛୋଟ ପଶ୍ଚିମ ଆଫ୍ରିକୀୟ ଦେଶ କେପ ଭର୍ଦେ ଫିଫା ବିଶ୍ୱକପରେ ଡେବ୍ୟୁ କରିଥିଲା। ଏବେ ଦଳ ଐତିହାସିକ ସଫଳତା ସହ ଉରୁଗୁଏ ଭଳି ଦେଶକୁ ପଛରେ ପକାଇ ନକଆଉଟରେ ପ୍ରବେଶ କରିଛି। ଗ୍ରୁପ ଏଚ୍‌ର ଶେଷ ଲଢ଼େଇରେ ଅପେକ୍ଷାକୃତ ଶକ୍ତିଶାଳୀ ସାଉଦି ଆରବ ସହ ମ୍ୟାଚ୍‌କୁ ୦-୦ରେ ଡ୍ର ରଖି କାପେ ଭର୍ଦେ ଏହି ଐତିହାସିକ ସଫଳତା ହାସଲ କରିଛି। ସେହିପରି ସ୍ପେନ ଠାରୁ ୦-୧ରେ ହାରି ଉରୁଗୁଏ ଚଳିତ ବିଶ୍ୱକପରୁ ବାଦ ପଡ଼ିଛି।
ବିଶ୍ୱକପରେ ପ୍ରଥମଥର ପାଇଁ ଖେଳୁଥିବା କେପ୍ ଭର୍ଦେ ଗ୍ରୁପ୍ ପର୍ଯ୍ୟାୟରେ ତିନୋଟି ମ୍ୟାଚ୍‌ରେ ଡ୍ର କରି ମୋଟ ୩ ପଏଣ୍ଟ ସହ ଗ୍ରୁପ୍ ଏଚ୍‌ରୁ ଦ୍ୱିତୀୟ ଦଳ ଭାବେ ରାଉଣ୍ଡ ଅଫ୍ ୩୨କୁ ପ୍ରବେଶ କରିଛି।
ଜୁଲାଇ ୩ରେ କାପେ ଭାର୍ଦେ ମିଆମିରେ ଡିଫେଣ୍ଡିଂ



ଚାମ୍ପିୟନ୍ ଆର୍ଜେଣ୍ଟିନାକୁ ଭେଟିବ। ଏହି ଗ୍ରୁପରେ ସ୍ପେନ୍ ୭ ପଏଣ୍ଟ ସହ ଶୀର୍ଷ ସ୍ଥାନ ଦଖଲ କରିଛି। ଉରୁଗୁଏ ଓ ସାଉଦି ଆରବ ୨ ପଏଣ୍ଟ ଲେଖାଏ ପାଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି। ଶେଷ ଗ୍ରୁପ୍ ମ୍ୟାଚ୍ ପୂର୍ବରୁ କେପ୍ ଭର୍ଦେ ଜାଣିଥିଲା ଯେ ଉରୁଗୁଏକୁ ଯଦି ସ୍ପେନ୍ ହରାଇ ଦେଉଛି, ତା'ହେଲେ ପରବର୍ତ୍ତୀ ରାଉଣ୍ଡକୁ ଯିବା ପାଇଁ ଦଳକୁ ସାଉଦି ବିପକ୍ଷରେ କେବଳ ଡ୍ର ଦରକାର। ଏହାକୁ କେପ ଭର୍ଦେ ସଫଳତାର ସହ ହାସଲ କରିଛି। ନକ୍‌ଆଉଟ୍ ପର୍ଯ୍ୟାୟକୁ ଯିବା ପାଇଁ ସାଉଦି ଆରବକୁ ଏହି ମ୍ୟାଚ୍ ଜିତିବାର ଆବଶ୍ୟକ ଥିଲା। କିନ୍ତୁ ଦଳ ଡେବ୍ୟୁଟାଣ୍ଟ ଭର୍ଦେକୁ ମାତ ଦେଇପାରି ନାହିଁ।
ନିଜ ମ୍ୟାଚ୍ ଶେଷ ହେବା ପରେ କେପ୍ ଭର୍ଦେର ଖେଳାଳି ଓ ଅନ୍ୟ ସଦସ୍ୟମାନେ ମୋବାଇଲ୍ ଫୋନ୍‌ରେ ସ୍ପେନ୍-ଉରୁଗୁଏ ମ୍ୟାଚ୍‌ର ଶେଷ ମୁହୂର୍ତ୍ତକୁ ଦେଖୁଥିଲେ। ସ୍ପେନ୍‌ର ବିଜୟ ନିଶ୍ଚିତ ହେବା ମାତ୍ରେ ସେମାନେ ସେଲିବ୍ରେସନ ଆରମ୍ଭ କରିଥିଲେ। ଷ୍ଟାଡିୟମରେ ଉପସ୍ଥିତ ଫ୍ୟାନ୍ସଙ୍କ ଖୁସି ମଧ୍ୟ ଦୁଇ ଗୁଣ ହୋଇଯାଇଥିଲା।
କେପ ଭର୍ଦେ ପ୍ରଥମ ମ୍ୟାଚ୍‌କୁ ସ୍ପେନ ସହ ଡ୍ର ରଖିଥିଲା। ଦଳର ୪୦ ବର୍ଷୀୟ ଗୋଲକିପର କମାଲ କରିଥିଲେ। ଏହାପରେ ଉରୁଗୁଏ ସହ ମ୍ୟାଚ୍ ମଧ୍ୟ ୨-୨ରେ ଡ୍ର ହୋଇଥିଲା। ଏବେ ସାଉଦି ସହ ଡ୍ର ରଖି ଦଳ ନକଆଉଟକୁ ଯାଇଛି।

## ମା' ହେବା ପରେ ବି ଖେଳିପାରିବେ ମହିଳା କ୍ରିକେଟର

ନୂଆଦିଲ୍ଲୀ; ମହିଳା କ୍ରିକେଟରମାନଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପ୍ରଥମ ଥର ପାଇଁ ଗର୍ଭଧାରଣ ପରେ ଖେଳକୁ ଫେରିବା ପାଇଁ ନିର୍ଦ୍ଦେଶାବଳୀ ପ୍ରକାଶ କରିଛି। ଯଦିଓ ଏହି ନିର୍ଦ୍ଦେଶାବଳୀଗୁଡ଼ିକ ପୂର୍ବରୁ ଥିବା IOC ଏବଂ FIFA ପରାମର୍ଶ ଦ୍ୱାରା ଅନୁପ୍ରାଣିତ, ଏହା କ୍ରିକେଟର ଆବଶ୍ୟକତା ଅନୁସାରେ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇଛି। ମାନସିକ ଏବଂ ଲଜିଷ୍ଟିକ୍ ଚ୍ୟାଲେଞ୍ଜ ଉଭୟକୁ ସମାଧାନ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିବା ICC ମେଡିକାଲ୍ ପରାମର୍ଶଦାତା କମିଟିର ସଦସ୍ୟ ଡକ୍ଟର ଫିଲିପା ଇଙ୍ଗେ କହିଛନ୍ତି। ଡକ୍ଟର ଇଙ୍ଗେ ମେଲବୋର୍ଣ୍ଣର ଜଣେ ପ୍ରସିଦ୍ଧ କ୍ରୀଡ଼ା ଏବଂ ବ୍ୟାୟାମ ମେଡିସିନ୍ ଚିକିତ୍ସକ। ବର୍ତ୍ତମାନ ଇଂଲଣ୍ଡରେ ଅନୁଷ୍ଠିତ T20 ବିଶ୍ୱକପ୍ ସମୟରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଡାକ୍ତର ଭାବରେ କାର୍ଯ୍ୟ କରୁଛନ୍ତି। ମହିଳା କ୍ରିକେଟରମାନଙ୍କ ପାଇଁ ଗର୍ଭଧାରଣ ପରେ ଖେଳକୁ ଫେରିବା ପାଇଁ ପ୍ରଥମ ନିର୍ଦ୍ଦେଶାବଳୀ ପ୍ରକାଶ କରିଛି ICC। ଏହାକୁ ପ୍ରସ୍ତୁତ କରିଥିବା ଅଷ୍ଟ୍ରେଲୀୟ ଡାକ୍ତର ଫିଲିପା ଇଙ୍ଗେ ଏହାର ଚ୍ୟାଲେଞ୍ଜକୁ ଗୁରୁତ୍ୱ ଦେଇଛନ୍ତି। ଏହି ନୂଆ ପିଲିସରେ ବିଶେଷ ଫ୍ରେମୱାର୍କ ଦିଆଯାଇଛି



। ପ୍ରସ୍ତୁତ, ସମୀକ୍ଷା, ପୁନରୁଦ୍ଧାର, ପୁନଃନିର୍ଦ୍ଦେଶନ, ପ୍ରତ୍ୟାବର୍ତ୍ତନ ଏବଂ ପରିଷ୍କାର। ଏହି ଢାଞ୍ଚା FIFAର ପର୍ଯ୍ୟାୟଭୁକ୍ତ କାର୍ଯ୍ୟକ୍ରମ ସହିତ ସମାନ, ଯେଉଁଥିରେ ଖେଳାଳିମାନଙ୍କ ସହିତ ସେମାନଙ୍କର ପରିଚାଳକମାନେ ମଧ୍ୟ ସାମିଲ ଅଛନ୍ତି। ଡକ୍ଟର ଇଙ୍ଗେ କହିଛନ୍ତି ଯେ, ଅନେକ ସଦସ୍ୟ ଦେଶର ଅନୁରୋଧରେ ଗତ ବର୍ଷ ଧରି ନୀତି ଉପରେ ଆଲୋଚନା ହୋଇଥିଲା। ସମସ୍ତ ଦେଶର ଡାକ୍ତରୀ ଦଳଙ୍କଠାରୁ ମତାମତ ନେବା ପରେ ଏହାକୁ ଚୂଡ଼ାନ୍ତ କରାଯାଇଥିଲା। ଏହି ନିର୍ଦ୍ଦେଶାବଳୀ ଖେଳାଳିମାନଙ୍କୁ ଆତ୍ମବିଶ୍ୱାସ ଦେବ ଯେ ସେମାନେ ସନ୍ତାନ ଜନ୍ମ କରିବା ସମୟରେ ସେମାନଙ୍କର କ୍ରିକେଟ କ୍ୟାରିୟର ଜାରି ରଖିପାରିବେ।'' ଡକ୍ଟର ଇଙ୍ଗଙ୍କ ଅନୁଯାୟୀ, ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଶାରୀରିକ ସୀମାବଦ୍ଧତା ଅପେକ୍ଷା ଲଜିଷ୍ଟିକ୍ସ (ପ୍ରସ୍ତୁତି) ଏବଂ ମାନସିକ ସୁସ୍ଥତା। ଯେତେବେଳେ ସେ ମହିଳା କ୍ରିକେଟରମାନଙ୍କ ସହ କଥା ହୋଇଥିଲେ, ସେତେବେଳେ ତାଙ୍କୁ ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପଡ଼ିଆରେ କିପରି ସ୍ତନ୍ୟପାନ କରାଇବା ? ମା' ହେବା ପରେ ଶକ୍ତି ସ୍ତର ବଜାୟ ରଖିବା ପାଇଁ କି ପ୍ରକାରର ଖାଦ୍ୟ ପାଳନ କରାଯିବା ଉଚିତ ? ଯାତ୍ରା ସମୟରେ କେଉଁ ବ୍ୟବସ୍ଥା କରାଯିବ ? ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବିଷୟରେ ସେମାନଙ୍କ ସମ୍ପୃକ୍ତ କ୍ରିକେଟ ବୋର୍ଡ ସହିତ ଆଲୋଚନା କିପରି ଆରମ୍ଭ କରିବେ।

ରାଜଧାନୀ ରିପୋର୍ଟର
RAJDHANI Reporter

# ସିନେମା



## ତୃତୀୟ ସପ୍ତାହରେ ଅର୍ଦ୍ଧେନ୍ଦୁଙ୍କ ଡାଏରୀ

ଚଳିତ ରଜରେ ମୁକ୍ତିଲାଭ କରିଥିବା ଅଭିନେତା ତଥା ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଙ୍କ ଡାଏରୀ ତୃତୀୟ ସପ୍ତାହରେ ମଧ୍ୟ ଦର୍ଶକଙ୍କୁ ବାନ୍ଧି ରଖିବାର ସଫଳ ହୋଇଛି । ମିଡିଆ ରିପୋର୍ଟ ଅନୁଯାୟୀ ଫିଲ୍ମଟି ରୋଜଗାର ମଧ୍ୟ ଭଲ କରିଛି ।ଚଳିତ ରଜ ବଜାରକୁ ଅଧିକ ରୋମାଞ୍ଚକର କରିଛି ନୂଆ ଓଡିଆ ଚଳଚ୍ଚିତ୍ର ଡାଏରୀ । ଅଭିନେତା ତଥା ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଏକ ନିଆରା ତ୍ରିକୋଣୀୟ ପ୍ରେମ କାହାଣୀ ନେଇ ଦର୍ଶକଙ୍କ ସାମ୍ନାକୁ ଆସିଛନ୍ତି । ଆକ୍ସନ ଏବ ଫ୍ୟାମିଲି ଡ୍ରାମା ପରେ ଅର୍ଦ୍ଧେନ୍ଦୁ ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ଅବତାରେ ନଜର ଆସିଛନ୍ତି । ତାଙ୍କ ସହ ନାୟିକା ଭାବେ ଜସ୍ମିନ ରଥ ଏବଂ ନବାଗତା ପ୍ରଜ୍ଞା ମିଶ୍ର ମୁଖ୍ୟ ଭୂମିକା ସମ୍ଭାଳିଛନ୍ତି । ଏହାର କାହାଣୀ ଓ ଗଭୀର ସଂଳାପ ସିନେପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ହାଇ-ବଜେଟ୍ ଚଳଚ୍ଚିତ୍ରରେ ସୁଶାନ୍ତ ମଣି ନିର୍ଦ୍ଦେଶନା ଦେଇଛନ୍ତି । ଅଭିନେତା କୁନା ତ୍ରିପାଠୀ କାହାଣୀ ଓ ସଂପାଳ ରଚନା କରିଛନ୍ତି । ସୋମେଶ ଶତପଥୀଙ୍କ ସୁମଧୁର ସଂଗୀତ ଏବଂ ଅମିତ ନାୟକ ଓ ଲୁବନ-ଟୁବୁନଙ୍କ କୋରିଓଗ୍ରାଫି ଚଳଚ୍ଚିତ୍ରର ଗୀତଗୁଡିକ ଆହୁରି ଆକର୍ଷଣୀୟ କରିଛି । ଆମରା ମ୍ୟୁଜିକ ଅଡିଓ ପାର୍ଟନର ଏବଂ ଆଉ ନେକ୍ସଟ ଓଟିଟି ପାର୍ଟନର ରହିଛନ୍ତି । ରଜ ଅବସରରେ ଅର୍ଦ୍ଧେନ୍ଦୁଙ୍କ ଏହି ପ୍ରେମଭରା ଡାଏରୀ ଦର୍ଶକଙ୍କ ମନ ଜିଣିବାରେ ସଫଳ ହେବ ବୋଲି ଆଶା କରାଯାଉଛି ।




## ଜୁହିଙ୍କ ପରିବା ଚାଷ



ବଢୁଛି ହୋମ୍ ଗାର୍ଡେନିଂର ଚାହିଦା । ସାଧାରଣ ଲୋକଙ୍କ ସହିତ ସେଲିବ୍ରିଟିମାନେ ମଧ୍ୟ ହୋମ୍ ଗାର୍ଡେନିଂକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି । ଏହି ତାଲିକାରେ ଅଭିନେତ୍ରୀ ଜୁହି ଚାୱଲା ମଧ୍ୟ ସାମିଲ ଅଛନ୍ତି । ସୋସିଆଲ୍ ମିଡିଆରେ ଜୁହି କିଛି ଫଟୋ ସେୟାର କରିଛନ୍ତି । ଯେଉଁଥିରେ ସେ ମେଥି, ଧନିଆ ଓ ଟମାଟୋ ପାଇଁ ସ୍ଥାନ ପ୍ରସ୍ତୁତ କରୁଥିବା ଦେଖାଯାଉଛି । ପୋଷ୍ଟରେ ଜୁହି ଲେଖିଛନ୍ତି, ' ଏହା ମନକୁ ଶାନ୍ତି ଦେବ ମୁଁ ଜାଣିଛି କିନ୍ତୁ ଯେତେବେଳେ ଏହା ଉତ୍ପାଦନ ହେବ, ମୁଁ କଣ ଏହାକୁ ତୋଳି ଖାଇପାରିବି? କାରଣ ମୁଁ ନିଜେ ଏହା ଚାଷ କରିଛି, ତେଣୁ ଏହା ମୋ ପାଇଁ ବହୁତ ମୂଲ୍ୟବାନ ହେବ. । ମୋର ଏହା ଖାଇବାକୁ ମନ ହେବ ନାହିଁ । ଚାଷ ଜିନିଷମାନଙ୍କ ମୂଲ୍ୟ ବୁଝିବା ସହିତ ତାହାର ଠିକ୍ ବ୍ୟବହାର କରିବା ଶିଖାଇଥାଏ ।ଅନେକ ସମୟରେ ଆମେ ବଜାରରୁ କିଣୁଥିବା ଜିନିଷଗୁଡ଼ିକର ଠିକ ଭାବେ ବ୍ୟବହାର କରି ନପାରିବାରୁ ତାହା ନଷ୍ଟ ହୋଇଯାଇଥାଏ । ଯେତେବେଳେ ଆମେ କୌଣସି ଜିନିଷ ନିଜେ ଚାଷ କରନ୍ତି । ଜିନିଷର ମହତ୍ତ୍ୱ କେତେ ତାହା ବୁଝିଥାଉ । ଜୁହି ଚାୱଲାଙ୍କର ଜୈବିକ ଚାଷ ପ୍ରତି ବହୁତ ଆଗ୍ରହ ରହିଛି ।

## ହଲିଉଡ୍‌ରେ ମିଳିନି ବଲିଉଡ୍ ଭଳି ସଫଳତା

ଗ୍ଲୋବାଲ ଆଇକନ୍ ପ୍ରିୟଙ୍କା ଚୋପ୍ରା ନିକଟରେ କାନ୍ସ ଲାୟନ୍ସ କନଫରେନ୍ସରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ତାଙ୍କ ଅଭିନୟ ଯାତ୍ରା ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବାର୍ତ୍ତାଳାପ ବେଳେ ଅଭିନେତ୍ରୀ ସ୍ୱୀକାର କରିଛନ୍ତି ଯେ ତାଙ୍କ ହଲିଉଡ୍ କ୍ୟାରିୟର ଏପର୍ଯ୍ୟନ୍ତ ବଲିଉଡରେ ସେ ସୃଷ୍ଟି କରିଥିବା ସଫଳତା ଏବଂ ଲିଗାସି ସହ ମେଳ ଖାଉନାହିଁ ।ନିଜ ଯାତ୍ରା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରିୟଙ୍କା କହିଛନ୍ତି ଯେ ସେ ଭାରତୀୟ ଚଳଚ୍ଚିତ୍ର ଜଗତରେ ୧୦୦ ରୁ ଅଧିକ ଫିଲ୍ମରେ କାମ କରିଛନ୍ତି ଏବଂ ନିଜ ପାଇଁ ଏକ ଦୃଢ଼ ପରିଚୟ ସୃଷ୍ଟି କରିଛନ୍ତି । ତେବେ ହଲିଉଡ୍ କଥା ଆସିଲେ, ସେ ଅନୁଭବ କରୁଛନ୍ତି ଯେ ସେ ଏପର୍ଯ୍ୟନ୍ତ ସେଠାରେ ବିଶେଷ କିଛି କରିନାହାଁନ୍ତି । ସେ ସ୍ୱୀକାର କରିଛନ୍ତି ଯେ ସେ ଏବେ ବି ପାଶ୍ଚାତ୍ୟରେ ନିଜର ରାସ୍ତା ତିଆରି କରୁଛନ୍ତି ଏବଂ ଭାରତରେ ସେ ହାସଲ କରିଥିବା ଷ୍ଟାରଡମ୍ ସ୍ତରରେ ପହଞ୍ଚିବା ପାଇଁ ତାଙ୍କୁ ଆହୁରି ଅନେକ ଦୂର ଯିବାକୁ ପଡିବ । ନିଜର ପ୍ରଭାବଶାଳୀ ବକ୍ତବ୍ୟ ବ୍ୟତୀତ ପ୍ରିୟଙ୍କା ଚୋପ୍ରା ଏହି ଇଭେଣ୍ଟରେ ନିଜର ଅଲଟ୍ରା-ଏଲିଗେଣ୍ଟ ଫ୍ୟାଶନ୍ ପାଇଁ ମଧ୍ୟ ଧ୍ୟାନ ଆକର୍ଷଣ କରିଥିଲେ । ଏକ ମଲ୍ଟି-କଲର ସାଟିନ୍ ଡ୍ରେସ୍ ଏବଂ ପୋଲକା-ଡଟ୍ ଗାଉନ୍‌ରେ ସେ ବହୁତ ସୁନ୍ଦର ଦେଖାଯାଉଥିଲେ । ତାଙ୍କର ଏହି ଷ୍ଟାଇଲିସ୍ ଲୁକ୍ ପୁଣିଥରେ ପ୍ରମାଣିତ କରିଛି ଯେ ସେ କାହିଁକି ଜଣେ ଗ୍ଲୋବାଲ୍ ଫ୍ୟାଶନ୍ ଆଇକନ୍ ଭାବରେ ପରିଚିତ । ତାଙ୍କର ଏହି ସତ୍ୟବାଦୀ ସ୍ୱୀକାରୋକ୍ତି ଏବଂ ଷ୍ଟାଇଲିସ୍ ଅନ୍ଦାଜ ବର୍ତ୍ତମାନ ଇଣ୍ଟରନେଟରେ ଏକ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି ।



## ମାଆ ହେବେ ସାମନ୍ଥା ?



ସାଉଥ୍ ଫିଲ୍ମ ଜଗତର ସଫଳତମ ଅଭିନେତ୍ରୀଙ୍କ ମଧ୍ୟରେ ସବୁବେଳେ ଆଗରେ ଆସିଥାଏ ସାମନ୍ଥାଙ୍କ ନାମ । ନିଜର ଯାଦୁଗରି ଅଭିନୟ ସାଙ୍ଗକୁ ବ୍ୟକ୍ତିଗତ ଜୀବନ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି ସାମନ୍ଥା । ଏବେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଦାବି କରାଯାଉଛି କି ମାଆ ହେବାକୁ ଯାଉଛନ୍ତି ସାମନ୍ଥା । ଦ୍ୱିତୀୟ ବିବାହ କରିଥିବା ସାମନ୍ଥା ପ୍ରଥମଥର ପାଇଁ ମାଆ ହେବେ ବୋଲି ସୋସିଆଲ ମିଡିଆରେ କୁହାଯାଉଛି । ଫିଲ୍ମର ପ୍ରମୋସନ ସମୟରେ କେକ୍ କାଟୁଥିବା ସମୟର ଭିଡିଓରେ ଗୋଲ୍ ବୁଲାଯାଇଥିବାବେଳେ ସେ ଗର୍ଭବତୀ ଥିବା କୁହାଯାଉଛି । ତେବେ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ 'ମା ଇନ୍ତି ବଙ୍ଗାରମ୍' ଫିଲ୍ମର ଡାଇରେକ୍ଟର ସାମନ୍ଥା ଗର୍ଭବତୀ ହେବା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ।

ଅଭିନେତ୍ରୀଙ୍କ ଫିଲ୍ମ 'ମା ଇନ୍ତି ବଙ୍ଗାରମ୍' ହଲରେ ଭଲ ପ୍ରଦର୍ଶନ କରିଥିବା ବେଳେ ଅନ୍ୟପଟେ ଅଭିନେତ୍ରୀଙ୍କ ବ୍ୟକ୍ତିଗତ ଜୀବନରୁ ମଧ୍ୟ ଭଲ ଖବର ଆସିବାକୁ ଯାଉଛି । ଫିଲ୍ମର ସକ୍ସେସ୍ ସେଲିବ୍ରେସନରେ ସେ ନଜର ଆସିଥିଲେ, ଯେଉଁଥିରେ ପ୍ରଶଂସକମାନେ ତାଙ୍କର ବେବି ବମ୍ପ୍ ଦେଖିବାକୁ ପାଇଛନ୍ତି । ଲୋକେ ଏବେଠାରୁ ହିଁ ଅଭିନେତ୍ରୀଙ୍କ ମାଆ ହେବାକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡୁଛନ୍ତି । ସେପଟେ ଏହି ଫିଲ୍ମର ଡାଇରେକ୍ଟର ନନ୍ଦିନୀ କହିଛନ୍ତି କି, ସାମନ୍ଥା ଗର୍ଭଧାରଣ କରିବାର ଏହା ହେଉଛି ଉପଯୁକ୍ତ ସମୟ । କାରଣ ଆମ ସିନେମା ବକ୍ସ ଅଫିସରେ ବଡ଼ ସଫଳତା ପାଇଛି । ମାତ୍ର ଏନେଇ ଆନୁଷ୍ଠାନିକ ଭାବେ ସାମନ୍ଥା କିମ୍ବା ତାଙ୍କ ସ୍ୱାମୀଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ।

ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହେଉଛି, ଯେଉଁଥିରେ ସାମନ୍ଥା ଏବଂ ତାଙ୍କ ସ୍ୱାମୀ ରାଜ୍ ନିଦିମୋରୁ ଫିଲ୍ମ 'ମା ଇନ୍ତି ବଙ୍ଗାରମ୍'ର ସଫଳତାକୁ ସେଲିବ୍ରେଟ୍ କରୁଥିବାର ଦେଖାଯାଉଛନ୍ତି । ଏହି ସମୟରେ ଅଭିନେତ୍ରୀ ଜଣକ ଧଳା ରଙ୍ଗର ଟପ୍ ପିନ୍ଧିଛନ୍ତି ଏବଂ ପ୍ରଶଂସକମାନଙ୍କ ନଜର ତାଙ୍କ ବେବି ବମ୍ପ୍ ଆଡ଼କୁ ଯାଉଛି ।

## ରେଲୱେର ମଞ୍ଜୁରି, ୬୩୧ କିମିରେ ଲାଗିବ କବଚ

ଭୁବନେଶ୍ୱର(ରା.ରି) : ପୂର୍ବତଟ ରେଲୱେର ୬୩୧ କିଲୋମିଟରରେ ଲାଗିବ 'କବଚ' । ଏଥିପାଇଁ ଖର୍ଚ୍ଚ ହେବ ୨୭୦ କୋଟି ଟଙ୍କା । ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଭାରତୀୟ ରେଲୱେ ଏଥିପାଇଁ ମଞ୍ଜୁରି ଦେଇଛି । ଏହି ପ୍ରକଳ୍ପ ଅଧୀନରେ ଜୋନ୍ର ଛଅଟି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନ ବାଘୁଆପାଳବୁଢାପଙ୍କ, ହରିଦାସପୁର-ପାରାଦୀପ, ଖୋର୍ଦ୍ଧା ରୋଡ୍‌ବଲାଙ୍ଗୀର, ନୌପଡା-ଗୁଣୁପୁର, ଲାଞ୍ଜିଗଡ଼ ରୋଡ୍‌ଜୁନାଗଡ଼ ଏବଂ ବାବିଲି-ସାଲୁରୁ ଅନ୍ତର୍ଭୁକ୍ତ ହୋଇଛି । ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଭାରତର ରେଳ ନେଟୱାର୍କକୁ ଆଧୁନିକୀକରଣ କରିବାରେ ପ୍ରତିବଦ୍ଧତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କୃତଜ୍ଞତା ଜ୍ଞାପନ କରିଛନ୍ତି । nସୂଚନାଯୋଗ୍ୟ, ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି ପାଇଁ ଭାରତୀୟ ରେଲୱେ ନିଜର ସମସ୍ତ ରେଳ ନେଟୱର୍କରେ ଏଲ୍ଟିଇ ଆଧାରିତ ଯୋଗାଯୋଗ ବ୍ୟବସ୍ଥା ସହିତ କବଚ ସ୍ଥାପନ କରୁଛି । ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା(ଏଟିପି) ପ୍ରଣାଳୀ 'କବଚ୍' ସିଗନାଲ୍ ଅତିକ୍ରମଣ ଜନିତ ବିପଦ(ଏସ୍ପିଏଡି), ଅତ୍ୟଧିକ ବେଗ ଏବଂ ଟ୍ରେନ୍ ମୁହାଁମୁହିଁ ଧକ୍କାକୁ ରୋକି ସୁରକ୍ଷା ବୃଦ୍ଧି କରିବା ପାଇଁ ଡିଜାଇନ୍ ହୋଇଛି । ତେବେ ଉକ୍ତ ରୁଟ୍ଗୁଡ଼ିକରେ କବଚ ସ୍ଥାପନ ହେଲେ ଟ୍ରେନ୍ ସୁରକ୍ଷା ଏବଂ ପରିଚାଳନାରେ ଉଚ୍ଚସ୍ତରୀୟ ସୁରକ୍ଷା ପ୍ରଦାନ କରିବ । ଏହା ସହିତ, କବଚ ଘନ କୁହୁଡ଼ି ଭଳି ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ମଧ୍ୟ ଅଧିକ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରିବ ।

ଏନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଟ୍ୱିଟ୍ କରି ଲେଖିଛନ୍ତି ଯେ, ପୂର୍ବତଟ ରେଳପଥର ୬୩୧ କିଲୋମିଟର ରୁଟ୍ ଉପରେ କବଚ ନିୟୋଜନକୁ ଅନୁମୋଦନ ଆମର ରେଳ ଭିତ୍ତିଭୂମି ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ । ପୂର୍ବତଟ ରେଳପଥ ନେଟୱାର୍କର ଏକ ପ୍ରମୁଖ ଅଂଶ ଭାବରେ, ଓଡ଼ିଶା ବର୍ଦ୍ଧିତ ଯାତ୍ରୀ ସୁରକ୍ଷା, ଦୁର୍ଘଟଣାର ବିପଦ ହ୍ରାସ, ଉନ୍ନତ ଟ୍ରେନ୍ ପରିଚାଳନା ଏବଂ ରେଳ ସେବାର ଅଧିକ ନିର୍ଭରଯୋଗ୍ୟତାରୁ ଲାଭ ପାଇବ । ଏହି ଆଧୁନିକ, ସ୍ୱଦେଶୀ ଭାବରେ ବିକଶିତ ପ୍ରଯୁକ୍ତିବିଦ୍ୟା ସଂଯୋଗକୁ ଆହୁରି ସୁଦୃଢ଼ କରିବ । ଅର୍ଥନୈତିକ ଅଭିବୃଦ୍ଧି ଏବଂ ଓଡ଼ିଶାବାସୀଙ୍କ ପାଇଁ ଏକ ସୁରକ୍ଷିତ ଓ ଅଧିକ ଦକ୍ଷ ରେଳ ବ୍ୟବସ୍ଥା ନିର୍ମାଣରେ ଯୋଗଦାନ ଦେବ ।

## ରଥଯାତ୍ରା ପୂର୍ବରୁ ସବୁ ବିଭାଗ ନିଜ କାମ ସାରିବାକୁ ଆଇନମନ୍ତ୍ରୀଙ୍କ ନିର୍ଦ୍ଦେଶ

ପୁରୀ(ରା.ରି) : ଚଳିତ ବର୍ଷ ରଥଯାତ୍ରାରେ ୨୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବ । ଯାତ୍ରୀଙ୍କ ପାଇଁ ରେଳ ବିଭାଗ ପକ୍ଷରୁ ୩୭୦ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଯାତ୍ରୀ ଙ୍କୁ ସୂଚନା ପ୍ରଦାନ ପାଇଁ ସହରର ବିଭିନ୍ନ ସ୍ଥାନରେ ୬୫ ଟି ଏଲଇଡି ଡିସପ୍ଲେ ଲାଗିବ । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଟାଉନ ହଲ ଠାରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।ବୈଠକରେ ରଥ ନିର୍ମାଣ, ସ୍ୱାସ୍ଥ୍ୟ ଓ ପରିମଳ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ ସୁରକ୍ଷା, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ନିର୍ମାଣ, ସ୍ୱେରେଜ୍ ଓ ଡ୍ରେନେଜ ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ବୈଠକରେ ସୂଚନା ଦେଇ କହିଥିଲେ ଏବର୍ଷ ଅଧିକ ଚାରମାଳ ସେଟ୍ ପାଇଁ ତାଳ ଗଛ କାଠ ପହଞ୍ଚି ସାରିଛି । ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଁଚିଛି ।ରଥ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରଥ ନିର୍ମାଣ କମିଟି ଶ୍ରୀମନ୍ଦିର



ପ୍ରଶାସନ ପକ୍ଷରୁ ଗଠନ କରାଯାଇଛି । ରଥ ଟଣା ଓ ପହଣ୍ଡିକୁ ଶୃଙ୍ଖଳିତ କରିବା ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ।

ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଳିତ ବର୍ଷ ଅନେକ ପଦକ୍ଷେପ ନିଆଯାଇଛି । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ୨୦୦ଟି ଅତିରିକ୍ତ ଶଯ୍ୟା ବ୍ୟବସ୍ଥା ହେବ । ସହରର ବିଭିନ୍ନ ସ୍ଥାନରେ ୩୦ ଟି ଆଶୁ ଆରୋଗ୍ୟ କେନ୍ଦ୍ର ହେବ । ସେହିପରି ଗହଳି ଓ ସମ୍ବେଦନଶୀଳ ସ୍ଥାନରେ ରାପିଡ ରେସ୍ପନ୍ସ ଟିମ୍ କାମ କରିବ । ୨୩୦ ଡାକ୍ତରଙ୍କ ସହ ସ୍ପେଶିଆଲିଷ୍ଟ ଡାକ୍ତର ଆସିବେ । ପୁରୀରେ ସ୍ଥାୟୀ ବର୍ଣ୍ଣ ଓ କ୍ୟାଥୋଲାବ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ବର୍ଷା ଜଳ ନିଷ୍କାସନ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ପାୱାର ପମ୍ପ ରଖାଯିବ । ଦେବସ୍ନାନ ପୂର୍ଣ୍ଣମୀରେ ୩୦୦ ଅସ୍ଥାୟୀ ଶୌଚାଳୟକୁ ମିଶାଇ ସହରରେ ମୋଟ ୧୬୦୦ ଟି ଅସ୍ଥାୟୀ ଶୌଚାଳୟ ହେବ । ୨୩ ଟି ସ୍ଥାନରେ ହେବ ଅସ୍ଥାୟୀ ପାର୍କିଂ । ରଥଯାତ୍ରାରେ ସ୍ୱଚ୍ଛତା କୁ ବିଶେଷ ଗୁରୁତ୍ୱ ଦେଇଛି ପ୍ରଶାସନ ।ରଥଯାତ୍ରା ସୁପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ପୋଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇ କହିଥିଲେ ସମଗ୍ର ସହର ସିସିଟିଭି ନଜରରେ ରହିବ । ବିଭିନ୍ନ ସ୍ଥାନରେ ୧୭୦ ସିସିଟିଭି କ୍ୟାମେରା ଲଗାଯାଇ କାର୍ଯ୍ୟକ୍ଷମ ହୋଇଛି । ମୋଟ ୪୭୫ ଟି ସିସିଟିଭି କ୍ୟାମେରା ଲାଗିବ । ଜନଗହଳି ନିୟନ୍ତ୍ରଣ ପାଇଁ ୨୮ ଟି ଜରୁରୀକାଳିନ ପ୍ରସ୍ଥାନ ପଏଣ୍ଟ ରହିବ । ଆମ୍ବୁଲାନ୍ସ ଯାତାୟତ ପାଇଁ ଗ୍ରୀନ କରିଡ଼ର କରାଯିବ । ସହରର ସୁରକ୍ଷା ପାଇଁ ଏନଏସଜି ସହ ସ୍ୱତନ୍ତ୍ର ଟାକ୍ଟିକାଲ ୟୁନିଟ ମୁତୟନ ରହିବ ।ଯାତ୍ରୀଙ୍କ ସହାୟତା ପାଇଁ ସହାୟତା ଆପ କାର୍ଯ୍ୟକାରୀ ହେବ । ରଥଯାତ୍ରା ସମୟରେ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରଖାଯାଇ ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ଆଇନ ଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ରଥ ଟଣା, ଦର୍ଶନ ପାଇଁ ଆଇପିଏସ ଅଧିକାରୀ ଦାୟିତ୍ୱରେ ରହିବେ । ୧୫ ଲକ୍ଷ ଯାତ୍ରୀଙ୍କ ସମାଗମ ସମ୍ଭାବନା କୁ ଦୃଷ୍ଟିରେ ରଖି ୧୩୦ ଟି ସ୍ୱତନ୍ତ୍ର ବସ ଚଳାଚଳ କରିବ । ତେବେ ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ରଥଯାତ୍ରା ସମୟରେ ରେଗୁଲାର ଓ ସ୍ୱତନ୍ତ୍ର ଟ୍ରେନ୍ କୁ ମିଶାଇ ମୋଟ ୧୨୦୦ ଟ୍ରେନ୍ ଚଳାଚଳ କରିବ । ୨୫୦୦୦ ଯାତ୍ରୀଙ୍କ ପାଇଁ ରେଳଷ୍ଟେସନ ପାଖରେ ହୋଲ୍ଡିଂ ଏରିଆ କରାଯାଉଛି ।

## ନୀଳ ଅର୍ଥନୀତି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ରା.ରି) : ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ, ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ । ଲୋକସେବା ଭବନ ଠାରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ସେ କହିଛନ୍ତି ଯେ, ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ । ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି । ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ନୀଳ ଅର୍ଥନୀତି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି । ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ । ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି ।

ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି । ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ । ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି । ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି ।




ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି ।

ଭାରତ ସରକାରଙ୍କ 'ସାଗର' (SAGAR- Security and Growth for All in the Region), 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' (BIMSTEC) ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (AI) ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହ ମାଛଧରା ଡଙ୍ଗାଗୁଡ଼ିକରେ 'ନଭମିତ୍ର' (NABH-MITRA) ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି । ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜିତ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡ଼ିଶା ପୋଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ (NMSC) ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର । ଏଥିପାଇଁ ବିଭିନ୍ନ ମଡେଲକୁ ନେଇ ଏକ ସୁଚିନ୍ତିତ ରଣନୈତିକ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ । ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ୍ ମାରିଟାଇମ୍ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା କେବଳ ସାମରିକ ବା ସୁରକ୍ଷାଗତ ଦିଗ ମଧ୍ୟରେ ସୀମିତ ନୁହେଁ । ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରି ସେ କହିଛନ୍ତି ଯେ, କେବଳ ମୁଖ୍ୟ ଉପକୂଳ ଅଞ୍ଚଳ ନୁହେଁ, ବରଂ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପଗୁଡ଼ିକର ସୁରକ୍ଷା ଏବଂ ବିକାଶ ଉପରେ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯିବା ଉଚିତ । ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ । ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

Owner, Editor and Published by SUSANTA KUMAR DASH and Printed by Sudir Kumar panda, Printed at NIJUKTI KHABAR PRAKASHAN, TS 3/193, Mancheswar Industrial Estate, Bhbaneswar-751010, Odisha and Published at- FLAT NO-C/208, KRVC, AT/PO-BANKUAL, BARGADA BRIT COLONY, BHUBANESWAR, KHORDHA, ODISHA-751002, Phone-9439311119,(W)7008961303
EDITOR: SUSANTA KUMAR DASH
Email Id-reporterrajdhani@gmail.com
ସମ୍ପାଦକ: ସୁଶାନ୍ତ କୁମାର ଦାଶ